ଧରିତ୍ରୀ
DHARITRI
May 18-24, 2025 ₹ 2/-

ଧରିତ୍ରୀ DHARITRI 51 Years

# ଛୁଟିଦିନ



# ଅଜବ ମ୍ୟୁଜିୟମ୍



ମ୍ୟୁଜିୟମ୍ ବା ସଂଗ୍ରହାଳୟ; ଯେଉଁଠି ସାଧାରଣତଃ ଐତିହାସିକ, ସାଂସ୍କୃତିକ ତଥା ବୈଜ୍ଞାନିକ ଦୃଷ୍ଟିକୋଣରୁ ବହୁ ଗୁରୁତ୍ୱପୂର୍ଣ୍ଣ ବସ୍ତୁ ରଖାଯାଇଥାଏ। ହେଲେ ଏମିତି ବି କିଛି ମ୍ୟୁଜିୟମ୍ ଅଛି ଯେଉଁଠି ଥିବା ଜିନିଷ କାହାକୁ ବି ଅଜବ ଲାଗିପାରେ...

୩
ପ୍ରଚ୍ଛଦ ପ୍ରସଙ୍ଗ



## ପକ୍ଷୀ ବି ଦିଅନ୍ତି ସଙ୍କେତ

**କେତେକ ପକ୍ଷୀ ଦେଖିବାକୁ ଯେମିତି ସୁନ୍ଦର ହୋଇଥାନ୍ତି ସେମିତି ମନଛୁଆଁ ହୋଇଥାଏ ସେମାନଙ୍କ ସ୍ୱର। ଆଉ ଏହି ପକ୍ଷୀମାନେ ବେଳେବେଳେ ଆମକୁ ଆଗୁଆ ସଙ୍କେତ ବି ଦେଇଥାନ୍ତି। ତେବେ କେଉଁ ପକ୍ଷୀ କି ସଙ୍କେତ ଦେଇଥାନ୍ତି ଜାଣନ୍ତୁ ସେ ସମ୍ପର୍କରେ: –**

✲ ମୟୂରକୁ ସୁନ୍ଦରତା, ଜ୍ଞାନ ଓ ଧନର ପ୍ରତୀକ ବୋଲି କୁହାଯାଏ। କୌଣସି ଗୁରୁତ୍ୱପୂର୍ଣ୍ଣ କାମରେ ଗଲାବେଳେ ବାଟରେ ଯଦି ମୟୂର ଦେଖାଯାଏ କିମ୍ବା ତା'ର ସ୍ୱର ଶୁଣାଯାଏ, ତା'ହେଲେ ଏହା ଅତ୍ୟନ୍ତ ଶୁଭଙ୍କର ବୋଲି ବିଶ୍ୱାସ



କରାଯାଏ।

✲ ପାରା କିମ୍ବା ଘରଚଟିଆ ଯଦି ଘରର କୌଣସି ସ୍ଥାନରେ ବସା ବାନ୍ଧେ, ତା'ହେଲେ ଏହା ସୌଭାଗ୍ୟର ସୂଚନା ଦେଇଥାଏ।

✲ ଚଢେଇମାନେ ସାଧାରଣତଃ ଡରୁଆ ସ୍ୱଭାବର ହୋଇଥାନ୍ତି। କିନ୍ତୁ କାହାରି ଘରକୁ ଯଦି ବହୁ ସଂଖ୍ୟାରେ ଚଢେଇ ବିନା ଡରରେ ଯା'ଆସ କରିବା ସହ ଖାଦ୍ୟ ଖାଉଥାନ୍ତି, ତା'ହେଲେ ସେ ଘର ଉପରେ ପ୍ରଭୁକୃପା ରହିଛି ବୋଲି ସଙ୍କେତ ମିଳେ।

✲ କୌଣସି ସ୍ଥାନରେ ଏକାଧିକ କାଉ ବସି କର୍କଶ ରାବ ଦେଉଥିଲେ, ସେ ସ୍ଥାନ ଛାଡ଼ି ଶୀଘ୍ର ପଳାଇଯିବା ଉଚିତ୍। କାରଣ ଏଠାରେ କୌଣସି ବିପଦ ଥିବାର ସଙ୍କେତ ଦେଇଥାଏ।

✲ ଘରର ଛାତ ଉପରେ ପେଚା ବସିବା ବା ପେଚା ବୋବାଇବାର ଶବ୍ଦ ଶୁଣିବାକୁ ଅନେକେ ଅଶୁଭ ବୋଲି ଭାବି ଥାଆନ୍ତି। ଏହାଦ୍ୱାରା ଆଗକୁ କିଛି ବିପଦ ଆସୁଛି ବୋଲି ମନେ କରାଯାଏ। କିନ୍ତୁ ଧଳା ରଙ୍ଗର ପେଚା ଦେଖିବା ଶୁଭ ସଙ୍କେତ ଦେଇଥାଏ। କୁହାଯାଏ, ଧଳା ପେଚା ଦେଖିଲେ ଧନସମ୍ପତ୍ତି ବୃଦ୍ଧି ହୋଇଥାଏ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ମେ ୧୮-୨୪, ୨୦୨୫

### ମେଷ

ଶାରୀରିକ ସ୍ୱାସ୍ଥ୍ୟ ସମସ୍ୟା, କାମରେ ସଫଳତା, ମୂଲ୍ୟବାନ୍ ଦ୍ରବ୍ୟ କିଣିବେ, ସାମୟିକ ଖୁସି ରହିବେ, ପାରିବାରିକ ଟେନ୍‌ସନ କମିବ, ଭ୍ରମଣ ସୁଯୋଗ ପାଇବେ, ରାଜନୈତିକ ଆଲୋଚନା, ଯାତ୍ରା ସ୍ଥଗିତ ରହିବ ।

### ବୃଷ

ସମସ୍ୟାର ସମାଧାନ, ଦ୍ରବ୍ୟନଷ୍ଟରୁ କ୍ଷୋଭ, ନୂତନ କର୍ମାରମ୍ଭରେ ବିବାଦ, ସାମାଜିକ ସ୍ତରରେ ଅପପ୍ରଚାର, ପରିବାରରେ ଉତ୍ତମ ବୁଝାମଣା, ପଡ଼ୋଶୀଙ୍କ କଟୂକ୍ତି, ମାନସିକ ଆଶ୍ୱସ୍ତି ମିଳିବ, କର୍ମଜଞ୍ଜାଳରୁ ବ୍ୟସ୍ତତା, ବ୍ୟବସାୟରେ ସଫଳ ହେବେ।

### ମିଥୁନ

କର୍ମକ୍ଷେତ୍ରରେ ବିବାଦ, ନୂତନ ଦାୟିତ୍ୱ ନେଇପାରନ୍ତି, ସମ୍ପର୍କୀୟଙ୍କ ସହ ଶତ୍ରୁତା, ବସ୍ତ୍ର ଆଭୂଷଣ ପ୍ରାପ୍ତି, ଭ୍ରମଣ ସ୍ଥଗିତ ରହିବ, ଗୃହରେ ବନ୍ଧୁମିଳନ, ଶାରୀରିକ ସୁସ୍ଥତା, ମାନସିକ ଅସ୍ଥିରତା, ଯାତ୍ରା ସଫଳ ହେବ, ଶିଳ୍ପବାଣିଜ୍ୟରେ ଉନ୍ନତି, ଆନୁଷ୍ଠାନିକ କର୍ମାରମ୍ଭ।

### କର୍କଟ

କର୍ମକ୍ଷେତ୍ରରେ ଉଚ୍ଚସମ୍ମାନ, ସମାଲୋଚିତ ହେବେ, ଅଭାବ ଦୂରେଇଯିବ, କରଜ ଶୁଝିପାରନ୍ତି, ଉଦ୍ୟମ କରି ଅକୃତକାର୍ଯ୍ୟ ହେବେ, ସାମାଜିକ ସମ୍ମାନ ପାଇବେ, ମାନସିକ ସ୍ଥିରତା ଫେରିବ, ବିବାଦର ସମାଧାନ ।

### ସିଂହ

ସ୍ୱାସ୍ଥ୍ୟହାନିରୁ ଅନୁତାପ, ବନ୍ଧୁ ସମ୍ପର୍କରେ ଅବନତି, ଅତିଥି ଚର୍ଚ୍ଚାରୁ ଆନନ୍ଦ, କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିବ, ହତାଶାବୋଧ କରିପାରନ୍ତି, କର୍ମକ୍ଷେତ୍ରରେ ଅସମ୍ମାନ, ଆଶା ଅପୂରଣ ରହିବ, ମକଦ୍ଦମାରେ ପରାଜୟ ।

### କନ୍ୟା

ବନ୍ଧୁଙ୍କ ସଦ୍‌ଭାବ, ଯାତ୍ରାରେ ବିଫଳତା, କାମ ଅଟକି ରହିବ, ଆତ୍ମୀୟଙ୍କ ଅନାଦର, ଦୁର୍ଭାବନା ଦୂରହେବ, ଦୂରଯାତ୍ରାର ଯୋଜନା, ସହକର୍ମୀଙ୍କ ସହଯୋଗ, ଶ୍ରମଜନିତ କ୍ଳାନ୍ତିବୋଧ, ନୂତନ ସମ୍ପର୍କ ସୃଷ୍ଟି, ଧର୍ମକାର୍ଯ୍ୟ କରିବେ।

### ତୁଳା

ଦୈହିକ ଦୁର୍ବଳତା, ନୂତନ କାର୍ଯ୍ୟାରମ୍ଭ, ବନ୍ଧୁମାନଙ୍କ ଅସହଯୋଗ, ଅସୁସ୍ଥ ମାନସିକତା, ଦ୍ୱନ୍ଦ୍ୱ ଦୂରେଇଯିବ, ବ୍ୟବସାୟିକ ଉତ୍କର୍ଷତା, ଲୋକସମ୍ପର୍କହାନି, ପରିବାରରେ ସୁସମ୍ପର୍କ ସୃଷ୍ଟି, ବନ୍ଧୁଙ୍କ ସୁପରାମର୍ଶ, ସାଂସ୍କୃତିକ କାର୍ଯ୍ୟ ଆରମ୍ଭ।

### ବିଛା

କର୍ମକ୍ଷେତ୍ରରେ ବିତର୍କ, ସାମାଜିକ ସମ୍ମାନ ପାଇବେ, ଆତ୍ମୀୟଙ୍କ ଆଦର ଅଭ୍ୟର୍ଥନା, ପାରିବାରିକ ଶାନ୍ତି, ସଭାସମିତିକୁ ଆହ୍ୱାନ, ଅନଟନ ଦୂର ହେବ, ପରିସ୍ଥିତି ସୁଧାରିନେବେ, ଆମୋଦ ପ୍ରମୋଦର ମଉକା, କର୍ମଜଞ୍ଜାଳ ବଢ଼ିବ ।

### ଧନୁ

ପରିବାରରେ ମତାନ୍ତର, ବନ୍ଧୁଙ୍କ ସାହାଯ୍ୟ ପ୍ରାପ୍ତି, ଭ୍ରମଣଜନିତ ସମସ୍ୟା, ସହକର୍ମୀଙ୍କ ସମର୍ଥନ ଲାଭ, ସମସ୍ୟା ବୃଦ୍ଧି ହୋଇପାରେ, ମନୋରଞ୍ଜନର ମଉକା ଜୁଟିବ, ମନ ପ୍ରଫୁଲ୍ଲ ରହିବ, ଟେନ୍‌ସନ କମିଯିବ, ଧର୍ମସଙ୍କଟରେ ପଡ଼ିପାରନ୍ତି ।

### ମକର

ମାନସିକ ସ୍ଥିରତା, ଭ୍ରାତୃସମ୍ପର୍କ ହାନି, ଯାନବାହନର ମରାମତି, ସନ୍ତାନ ହେତୁକ ଗୌରବ, ରୋଗପୀଡ଼ା ବୃଦ୍ଧି ପାଇବ, ପ୍ରତିଯୋଗିତାରେ ବିଫଳତା, ଅପ୍ରିୟ ସତ୍ୟରୁ କଳହ, କର୍ମକ୍ଷେତ୍ରରେ ଉନ୍ନତି, ପରିବହନରେ ସତର୍କତା।

### କୁମ୍ଭ

ଦୈହିକ ଅସୁସ୍ଥତା, ବିବାଦୀୟ ପରିସ୍ଥିତି, ପ୍ରତୀକ୍ଷିତ ଖବର ପାଇବେ, ବନ୍ଧୁଙ୍କ ଉପରେ ସନ୍ଦେହ, ପଦାଧିକାରୀଙ୍କ ପରାମର୍ଶ, କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱ, ସମ୍ପର୍କୀୟଙ୍କ ସହଯୋଗ, ସମସ୍ୟାର ସମାଧାନ, ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ।

### ମୀନ

କାର୍ଯ୍ୟସିଦ୍ଧିରୁ ଆନନ୍ଦ, ନୂତନ ମିତ୍ରତା ସୃଷ୍ଟି, ବୈଷୟିକ ଅଭିବୃଦ୍ଧି, ସ୍ୱଜନଙ୍କ ସ୍ୱାସ୍ଥ୍ୟହାନି, ବିପଦମୁକ୍ତ ହେବେ, ଶୁଭଖବର ପାଇବେ, ଅପ୍ରିୟ ସତ୍ୟ କଥାରୁ ବିବାଦ, ସମାଲୋଚିତ ହୋଇପାରନ୍ତି, ଯୋଗ ଶିକ୍ଷାରେ ତ୍ରୁଟି, ବକେୟା ଅର୍ଥଲାଭ, ଜମିଜମା କ୍ରୟବିକ୍ରୟ ।

## ଶଙ୍ଖ ଧ୍ୱନିର ବାସ୍ତୁ ମହତ୍ତ୍ୱ



ବିଷ୍ଣୁ ପୁରାଣ ଅନୁଯାୟୀ, ମାତା ଲକ୍ଷ୍ମୀ ହେଉଛନ୍ତି ସମୁଦ୍ରରାଜଙ୍କର କନ୍ୟା। ଆଉ ଶଙ୍ଖ ବି ସମୁଦ୍ରରୁ ମିଳିଥାଏ। ତେଣୁ ଶଙ୍ଖର ମାହାତ୍ମ୍ୟତା ସହିତ ମହାଲକ୍ଷ୍ମୀଙ୍କର ମଧ୍ୟ କିଛିଟା ସାମଞ୍ଜସ୍ୟ ରହିଛି। କୁହାଯାଏ, ଯେଉଁ ଘରେ ଶଙ୍ଖ ଥାଏ କିମ୍ବା ନିୟମିତ ଶଙ୍ଖ ବଜା ଯାଉଥାଏ, ସେଠାରେ ମାତା ଲକ୍ଷ୍ମୀଙ୍କର ବାସ ହୋଇଥାଏ। ବୈଜ୍ଞାନିକ ଦୃଷ୍ଟି କୋଣରୁ ମଧ୍ୟ ଶଙ୍ଖର କିଛିଟା ବିଶେଷ ମହତ୍ତ୍ୱ ରହିଛି। ମାନ୍ୟତା ଅଛି କି, ଶଙ୍ଖ ଧ୍ୱନି ବାତାବରଣକୁ ବିଶୁଦ୍ଧ କରିଥାଏ। କୁହାଯାଏ, ଏହାର ଧ୍ୱନି ଯେତେ ଦୂର ପର୍ଯ୍ୟନ୍ତ ଶୁଭା ଯାଇଥାଏ, ସେତେ ଦୂର ପର୍ଯ୍ୟନ୍ତ ଅଦୃଶ୍ୟ ଭାବେ ରହିଥିବା ଜୀବାଣୁମାନେ ଆପେ ଆପେ ନଷ୍ଟ ହୋଇଯାଇଥାନ୍ତି। ବାସ୍ତୁଶାସ୍ତ୍ର ଅନୁସାରେ, ନିୟମିତ ଶଙ୍ଖ ବଜାଇଲେ ଶତ୍ରୁ ନାଶ ହେବା ସହିତ ସୌଭାଗ୍ୟ ପ୍ରାପ୍ତ ହୋଇଥାଏ। ତା'ସହିତ ଘରେ ନିୟମିତ ଶଙ୍ଖ ବଜାଇଲେ କିମ୍ବା ଏହାକୁ ପୂଜା କଲେ ସକାରାତ୍ମକ ଊର୍ଜ୍ଜା ବୃଦ୍ଧି ହେବା ସହ ମନୋସ୍କାମନା ପୂରଣ ହୋଇଥାଏ। କେବଳ ସେତିକି ନୁହେଁ ଘରେ ଶଙ୍ଖ ବଜାଇବା ଦ୍ୱାରା ପିତୃପୁରୁଷ ଶାନ୍ତି ପାଇବା ସହ ଆତ୍ମଶୁଦ୍ଧି ହୋଇଥାଏ ବୋଲି ବିଶ୍ୱାସ କରାଯାଏ।

## ପାଠକୀୟ

✲ ଐଶ୍ୱର୍ଯ୍ୟ ଓ ସମୃଦ୍ଧିର ପ୍ରତୀକ ହେଉଛି ସୁନା। ଭାରତୀୟ ସଂସ୍କୃତି ଓ ପରମ୍ପରାରେ ଏହାର ଭୂମିକା ଯଥେଷ୍ଟ। କିନ୍ତୁ ଏବେ ସୁନାର ଦାମ ଯେଉଁଭଳି ଭାବେ ବଢି ଚାଲିଛି ଲାଗୁଛି ସତେ ଯେମିତି ସାଧାରଣ ଲୋକଟିଏ ପାଇଁ ସୁନାକୁ ଛୁଇଁବା ମନା। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁକୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ସୁନା ଛୁଇଁବା ମନା' ଶୀର୍ଷକ ଆଲେଖ୍ୟଟି ବେଶ୍ ମନଛୁଆଁ ହୋଇଥିଲା।

*– ରଶ୍ମିତା ସାହୁ, ଉତ୍ତରା*

✲ ସୁନା ବଜାରରେ ଏବେ ନିଆଁ ଜଳୁଛି। ପ୍ରତ୍ୟେକ ଦିନ ନୂଆ ନୂଆ ରେକର୍ଡ କରୁଛି ସୁନା ଦର। କିଏ କହୁଛି, ଆଗକୁ ସୁନା ଲକ୍ଷେ କୋଡ଼ିଏ ହଜାର ଉପରକୁ ଟପିଯିବ ତ ପୁଣି କିଏ କହୁଛି ସୁନା ଦର ପୁଣି କମିବ। ଏବେ ପ୍ରଶ୍ନ ଉଠୁଛି ଯେ, ସତରେ କ'ଣ ସୁନା ଦର ଏତେ ହେବ! ଆଉ ଯଦି କମେ କେତେ କମିବ ? ତେଣୁ ଏଭଳି ଏକ ସମୟୋପଯୋଗୀ ଆଲେଖ୍ୟକୁ ନେଇ ସ୍ୱତନ୍ତ୍ର ଭାବେ ଉପସ୍ଥାପନା କରାଯାଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ସୁନା ଛୁଇଁବା ମନା' ଆଲେଖ୍ୟଟି ତଥ୍ୟପୂର୍ଣ୍ଣ ହେବା ସହ ହୃଦୟସ୍ପର୍ଶୀ ହୋଇଥିଲା।

*– ଋତୁପର୍ଣ୍ଣା ମହାନ୍ତି, କଟକ*

✲ ବ୍ୟକ୍ତିତ୍ୱ ପୃଷ୍ଠାରୁ କବି, ଗାଳ୍ପିକ, ପ୍ରାବନ୍ଧିକ, ନାଟ୍ୟକାର ତଥା ଶିକ୍ଷାବିତ୍ ପ୍ରଶାନ୍ତ କୁମାର ମହାନ୍ତିଙ୍କ ଜୀବନି ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ଉଦାରତା' ଶୀର୍ଷକ ଗପଟି ମନଛୁଆଁ ହୋଇଥିଲା।

*– ଶୁଭାଶିଷ ପଣ୍ଡା, ମୟୂରଭଞ୍ଜ*

✲ 'ଗୋଟେ ଆଖି ଖୋଲାରଖି ଶୁଅନ୍ତି ଏମାନେ' ଶୀର୍ଷକ ପାଠଟି ବେଶ୍ ନିଆରା ଥିଲା ପଢିବାକୁ। ସିନେମା ପୃଷ୍ଠାରେ ସ୍ଥାନିତ 'ମେହେର ମୁଣ୍ଡା', 'ମନ ବଳାଇଛନ୍ତି ରଶ୍ମିକା', 'ଜ୍ୟାକ୍‌ଲିନ୍‌ଙ୍କ ଖୁସି', 'ଭାଗ୍ୟ ବଦଳାଇଲା କୁଛ୍ କୁଛ୍ ହୋତା ହୈ' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ଖୁବ୍ ସୁନ୍ଦର ଥିଲା।

*– ସୁନିତ୍ ମିଶ୍ର, ଝାରସୁଗୁଡ଼ା*

✲ ଗାଳ୍ପିକ ତଥା ଡାକ୍ତର ଦିଲ୍ଲୀପ କୁମାର ବେହେରାଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ପ୍ରେରଣାଦାୟୀ ଥିଲା। ସାଥୀର ଉତ୍ତର ବେଶ୍ ରୋମାଣ୍ଟିକ୍ ଥିଲା। 'ବର୍ଣ୍ଣମାଳାରେ ବଗିଚା' ଶୀର୍ଷକ ପାଠଟି ଏକ ନିଆରା ଆଲେଖ୍ୟ ଥିଲା। ମଡେଲ୍ ମିରର୍‌ରେ ଦେବଯାନୀ ଖୁବ୍ ସୁନ୍ଦରୀ ଲାଗୁଥିଲେ।

*– ପ୍ରସାଦ ଜେନା, କେନ୍ଦୁଝର*

✲ ସହରଠୁ ଦୂର ପୃଷ୍ଠାରୁ 'ଉତ୍ତରାଖଣ୍ଡର ମିନି ସୁଇଜରଲାଣ୍ଡ ଚୋପ୍‌ତା' ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ବିବିଧା ପୃଷ୍ଠାରେ ସ୍ଥାନିତ 'ମାଙ୍କଡ଼ ମୁହଁ ପରି ଫୁଲ' ଓ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ଏୟାରବ୍ୟାଗ୍ ଜିନ୍ସ', 'ସ୍ମାର୍ଟ କୁକୁର', 'ସର୍ବକନିଷ୍ଠ ଯୋଗ ଇନ୍‌ଷ୍ଟ୍ରକ୍ଟର' ଆଦି ପାଠଗୁଡ଼ିକ ଯେତିକି ମଜାଦାର ଥିଲା ସେତିକି ଆଶ୍ଚର୍ଯ୍ୟକର ହୋଇଥିଲା।

*– ସ୍ନିଗ୍ଧା ସୁଚରିତା, କୋରାପୁଟ*

## ବିଶେଷ ଚିଠି




ଏଥରର ପ୍ରଚ୍ଛଦରେ ଥିଲା
ସୁନା ଛୁଇଁବା ମନା,
ତଥ୍ୟ ଦେଉଥିଲା ଯେମିତି
ମନ କିଣୁଥିଲା ବି ସେମିତି।
ତା'ସାଙ୍ଗକୁ ସାଥୀର ଉତ୍ତର
ମନ କିଣି ନେଉଥିଲା ମୋର,
ପୁଣି ହୃଦୟସ୍ପର୍ଶ ଥିଲା
ତୁମ ପ୍ରଥମ ରୋଜଗାର।
ହେ ମୋ ପ୍ରିୟ ଛୁଟିଦିନ,
ତୁମେ ସବୁଠି ବିଦ୍ୟମାନ।

*– ମମତା ପଟ୍ଟନାୟକ, ପୁରୀ*

ଧରିତ୍ରୀ ଛୁଟିଦିନ

ସମ୍ପାଦକ: ତଥାଗତ ସତପଥୀ

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com


# ଅଜବ ମ୍ୟୁଜିୟମ୍

ମ୍ୟୁଜିୟମ୍ ବା ସଂଗ୍ରହାଳୟ, ଯେଉଁଠାରେ ଐତିହାସିକ, ସାଂସ୍କୃତିକ ତଥା ବୈଜ୍ଞାନିକ ଦୃଷ୍ଟିକୋଣରୁ ବହୁ ଗୁରୁତ୍ୱପୂର୍ଣ୍ଣ ବସ୍ତୁଗୁଡ଼ିକୁ ସଂରକ୍ଷଣ ତଥା ପ୍ରଦର୍ଶନୀ ନିମନ୍ତେ ରଖାଯାଇଥାଏ। କିଛି ମ୍ୟୁଜିୟମ୍ ସାଧାରଣ ବ୍ୟକ୍ତିଙ୍କ ନିଜସ୍ୱ ଉଦ୍ୟମରେ ଗଢି ଉଠିଥାଏ ତ କିଛି ମ୍ୟୁଜିୟମ୍‌କୁ ବିଭିନ୍ନ ଅନୁଷ୍ଠାନ ବା ସଂସ୍ଥା ଗଢିଥାଏ। ତେବେ ଦେଶର ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ପ୍ରକାରର ମ୍ୟୁଜିୟମ୍ ଥିବାର ଦେଖାଯାଉଥିଲେ ବି ଏଠାରେ ଯେଉଁ ମ୍ୟୁଜିୟମ୍‌ଗୁଡ଼ିକ କଥା କୁହାଯାଉଛି, ତାହା ଗୋଟେ ଗୋଟେ ଅଜବ ମ୍ୟୁଜିୟମ୍ ଭାବେ ଜଣାଶୁଣା...

**ବିଚିତ୍ର କାର୍ ମ୍ୟୁଜିୟମ୍:** ହାଇଦ୍ରାବାଦ୍‌ରେ ଥିବା ଏହି ମ୍ୟୁଜିୟମ୍‌ଟିର ପ୍ରକୃତ ନାଁ ହେଉଛି ସୁଧା କାର୍ ମ୍ୟୁଜିୟମ୍, ଯାହାକୁ କନ୍ୟାବୋୟିନା ସୁଧାକର ନାମକ ଜଣେ ଭାରତୀୟ କାର୍ ଡିଜାଇନର୍ ତଥା ସଂଗ୍ରାହକ ପ୍ରତିଷ୍ଠା କରିଛନ୍ତି। କନ୍ୟାବୋୟିନା ସୁଧାକର, ଯିଏ କି କେ.ସୁଧାକର ବା କେ. ସୁଧାକର ଯାଦବ ନାମରେ ବି ପରିଚିତ। ସୂଚନାନୁଯାୟୀ, ପିଲାଦିନୁ ସୁଧାକର ବିଭିନ୍ନ ପ୍ରକାର ଖେଳଣା ଗାଡ଼ି ଏବଂ ଯନ୍ତ୍ରପାତି ଆଦି ଧରି ଖେଳିବାକୁ ଖୁବ୍ ଭଲ ପାଉଥିଲେ। ନୂଆ ଗାଡ଼ିଟିଏ ପାଇଲେ ଖୋଲାଖୋଲି କରି ପୁଣି ତାକୁ କେମିତି ସଜାଡିବେ ସେଇଥିରେ ହିଁ ବେଶି ଧ୍ୟାନ ଦେଉଥିଲେ। କ୍ରମେ ଏହା ତାଙ୍କର ଅଭ୍ୟାସରେ ପଡିଗଲା। ପାଠପଢା ସାଙ୍ଗକୁ ବିଭିନ୍ନ ପ୍ରକାର ଅଦରକାରୀ ଜିନିଷକୁ ବ୍ୟବହାର କରି କେମିତି ସେଥିରୁ ଗାଡ଼ି ତିଆରି କରିହେବ ସେ ନେଇ ଅନେକ ପରୀକ୍ଷା ନିରୀକ୍ଷା ବି କରୁଥିଲେ। ମାତ୍ର ୧୪ ବର୍ଷ ବୟସରେ କେତେକ ଅଦରକାରୀ ଜିନିଷକୁ ବ୍ୟବହାର କରି ସୁଧାକର ନିଜର ପ୍ରଥମ କାର୍ ତିଆରି କରିବାରେ ସଫଳତା ହାସଲ କଲେ। ବାସ୍ ତା'ପରଠୁ ସେ ଆଉ ପଛକୁ ଫେରି ଚାହିଁନାହାନ୍ତି। ଗୋଟିଏ ପରେ ଗୋଟିଏ ଅଜବ ଡିଜାଇନ୍‌ର କାର୍ ତିଆରି କରି ନିଜ ପ୍ରତିଭାର ପ୍ରଦର୍ଶନ କରିଚାଲିଛନ୍ତି। କେବଳ କାର୍ କାହିଁକି ସେ ବିଭିନ୍ନ ଡିଜାଇନ୍‌ର ସାଇକେଲ୍, ଟ୍ରାଇ ସାଇକେଲ୍, ବସ୍ ଆଦି ବି ତିଆରି କରିଛନ୍ତି। ଯେମିତିକି ଛୋଟ ଡବଲ୍ ଡେକର୍ ବସ୍; ଯେଉଁଥିରେ ୧୦ ଜଣ ଲୋକ ବସିପାରିବେ, ଛୋଟ ସାଇଜ୍‌ର ପ୍ରାୟ ୧୨ଟି ଭିନ୍ନ ଭିନ୍ନ ମୋଟରସାଇକେଲ୍; ତନ୍ମଧ୍ୟରୁ ସବୁଠୁ ଛୋଟ ମୋଟରସାଇକେଲ, ଯାହାର ଉଚ୍ଚତା ମାତ୍ର ୩୩ ସେ.ମି. ହେବ ଏବଂ ଏହା ଘଣ୍ଟାକୁ ପ୍ରାୟ ୩୦ କି.ମି. ବେଗରେ ଗତି କରିପାରିବ, ଏକାଧିକ ଭିନ୍ନ ଭିନ୍ନ ଡିଜାଇନ୍‌ର ଟାଣ୍ଡେମ୍ ବାଇସାଇକେଲ୍; ଯାହାକୁ ଏକକାଳୀନ ୬ଜଣ ବସି ଚଲାଇପାରିବେ। ତା'ଛଡ଼ା ବିଭିନ୍ନ ଡିଜାଇନ୍‌ର ଥିମ୍ କାର୍ ଯେମିତି କି ହ୍ୟାଣ୍ଡବ୍ୟାଗ୍, ହାଇ ହିଲ୍, ଲିପ୍‌ଷ୍ଟିକ୍, ହେଲ୍‌ମେଟ୍, କ୍ୟାମେରା, ଟଏଲେଟ୍, ସୋଫା, କଣ୍ଡୋମ୍, ବର୍ଗର, କମ୍ପ୍ୟୁଟର ଇତ୍ୟାଦି ଶେପ୍‌ର କାର୍ ବି ସୁଧାକର ତିଆରି କରିଛନ୍ତି। କେବଳ ସେତିକି ନୁହେଁ, ମୋଟରସାଇକେଲ ସହ ସଂଲଗ୍ନ ସୁ' ଶେପ୍ ତଥା କମୋଡ୍ ଶେପ୍‌ର ସାଇଡ୍ କାର୍, ଅଟୋକୁ ମୋଡିଫାଏ କରି ଭ୍ୟାନ୍, ମାରୁତି ଭ୍ୟାନ୍‌କୁ ମୋଡିଫାଏ କରି ସିଙ୍ଗଲ୍ ବଗି ଟ୍ରାମ୍ ଇତ୍ୟାଦି ତିଆରି କରିବାରେ ବି ସୁଧାକର ସଫଳତା ହାସଲ କରିଛନ୍ତି। ତେବେ ସୁଧାକର ତିଆରି କରିଥିବା ଏକ ବଡ଼ ଟ୍ରାଇ ସାଇକେଲ୍ ପାଇଁ ୨୦୦୫ରେ ତାଙ୍କ ନାମ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଥିଲା। ୧ ଜୁଲାଇ, ୨୦୦୫ରେ ଯେତେବେଳେ ସୁଧାକର ଏହି ଟ୍ରାଇ ସାଇକେଲ୍‌ଟିକୁ ପ୍ରଦର୍ଶନୀ ପାଇଁ ହାଇଦ୍ରାବାଦ ରୋଡ୍‌ରେ ଚଲାଇଥିଲେ, ଦେଖଣାହାରୀ ତାଜୁବ ହୋଇଯାଇଥିଲେ। କାରଣ ଉକ୍ତ ଟ୍ରାଇ ସାଇକେଲ୍‌ଟିର ଉଚ୍ଚତା ପ୍ରାୟ ୪୧.୬ ଫୁଟ ରହିଥିବାବେଳେ ଚକଗୁଡ଼ିକର ବ୍ୟାସ ପ୍ରାୟ ୧୭ ଫୁଟ ଏବଂ ଟ୍ରାଇ ସାଇକେଲ୍‌ଟିର ସମ୍ପୂର୍ଣ୍ଣ ଲମ୍ବା ପାଖାପାଖି ୩୭.୩ ଫୁଟ ରହିଥିଲା। ଏତେ ଉଚ୍ଚତା ବିଶିଷ୍ଟ ଟ୍ରାଇ ସାଇକେଲ୍‌କୁ ସୁଧାକର ବେଶ୍ ଆରାମରେ କିଛି ବାଟ ଚଲାଇ ଉପସ୍ଥିତ ସମସ୍ତ ଦର୍ଶକଙ୍କୁ ଚକିତ କରି ଦେଇଥିଲେ। ଏହା ହିଁ ହେଉଛି ସୁଧାକରଙ୍କ ଦ୍ୱାରା ତିଆରି କରାଯାଇଥିବା ସମସ୍ତ ଗାଡ଼ିଗୁଡ଼ିକର ସ୍ୱତନ୍ତ୍ରତା। ଅର୍ଥାତ୍ ଯେ କୌଣସି ଡିଜାଇନ୍‌ର ହେଉ କି ଯେ କୌଣସି ଶେପ୍‌ର ହେଉନା କାହିଁକି ସୁଧାକର ଯାହା ବି ଗାଡ଼ି ତିଆରି କରନ୍ତି, ସେ ସବୁ ଶୋ ପିସ୍ ପାଇଁ ନୁହେଁ ବରଂ ସବୁ କିଛି କାର୍ଯ୍ୟକ୍ଷମ ହୋଇଥାଏ। ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇବା ପରେ ସୁଧାକର ନିଜ ହାତ ତିଆରି ଗାଡ଼ିଗୁଡ଼ିକୁ ସାଇତି ରଖିବା ଏବଂ ଗାଡ଼ିଗୁଡ଼ିକର ପ୍ରଦର୍ଶନୀ ନିମନ୍ତେ ୨୦୧୦ରେ ଏକ ବିଧିବଦ୍ଧ ମ୍ୟୁଜିୟମ୍ ପ୍ରତିଷ୍ଠା କରି ତା'ର ନାଁ ଦେଲେ ସୁଧା କାର ମ୍ୟୁଜିୟମ୍। ୟା'ଭିତରେ ସୁଧାକର ଓ ତାଙ୍କ ମ୍ୟୁଜିୟମ୍‌ର ନାଁ ଲିମ୍‌କା ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇସାରିଲାଣି। ତା'ସହିତ ଉକ୍ତ ମ୍ୟୁଜିୟମ୍‌ଟି ବର୍ତ୍ତମାନ ଏକ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ ବି ପାଲଟିଗଲାଣି।









**କଣ୍ଢେଇ ମ୍ୟୁଜିୟମ୍:** ଏହି ମ୍ୟୁଜିୟମ୍‌ଟି ନୂଆଦିଲ୍ଲୀର ବାହାଦୁର ଶାହ ଜାଫର୍ ମାର୍ଗରେ ଥିବା ଚିଲ୍ଡ୍ରେନ୍ସ ବୁକ୍ ଟ୍ରଷ୍ଟ ବିଲ୍ଡିଂରେ ଅବସ୍ଥିତ। ଏହା ଶଙ୍କର୍ସ ଇଣ୍ଟରନ୍ୟାଶନାଲ୍ ଡଲ୍ସ ମ୍ୟୁଜିୟମ୍ ଭାବେ ବେଶ୍ ପରିଚିତ। କାରଣ ଏହାର ସ୍ଥାପନା ଲୋକପ୍ରିୟ ପଲିଟିକାଲ୍ କାର୍ଟୁନିଷ୍ଟ କେ.ଶଙ୍କର ପିଲ୍ଲାଇ କରିଥିବା ସୂଚନା ରହିଛି, ଯିଏକି ଶଙ୍କର ନାମରେ ବେଶି ପ୍ରସିଦ୍ଧ। ତେବେ ଏଠାରେ ଏହି କଣ୍ଢେଇ ମ୍ୟୁଜିୟମ୍‌ଟି ଗଢି ଉଠିବା ପଛରେ ଏକ ରୋଚକ କାହାଣୀ ରହିଛି। ତଥ୍ୟ ଅନୁଯାୟୀ, ଜବାହରଲାଲ ନେହେରୁ ଦେଶର ପ୍ରଧାନମନ୍ତ୍ରୀ ଥିବା ସମୟରେ ତାଙ୍କ ପାଖେପାଖେ ଯେଉଁ ସାମ୍ବାଦିକ ଦଳ ସବୁବେଳେ ରହୁଥିଲେ ଆଉ ସବୁ ସ୍ଥାନକୁ ଯାଉଥିଲେ, ସେ ଦଳର ଜଣେ ପ୍ରମୁଖ ସଦସ୍ୟ ଥିଲେ କାର୍ଟୁନିଷ୍ଟ କେ.ଶଙ୍କର ପିଲ୍ଲାଇ। ସେ ପ୍ରତି ବିଦେଶ ଯାତ୍ରାରେ ନେହେରୁଙ୍କ ସାଙ୍ଗରେ ବିଭିନ୍ନ ସ୍ଥାନକୁ ଯାଉଥିଲେ। ଶଙ୍କରଙ୍କର କଣ୍ଢେଇ ସଂଗ୍ରହ କରିବାରେ ରୁଚି ରହିଥିଲା। ସେ ଦେଶ ବିଦେଶ ଯୁଆଡ଼େ ବି ଯାଉଥିଲେ କିଛି ଭିନ୍ନ ଧରଣର କଣ୍ଢେଇ ଦେଖିଲେ ତାକୁ ଆଣି ନିଜ ପାଖେ ସାଇତି ରଖୁଥିଲେ। ଏମିତି ଭାବେ ତାଙ୍କ ପାଖରେ ୫ଶହରୁ ଉର୍ଦ୍ଧ୍ୱ କଣ୍ଢେଇ ହୋଇଯିବା ପରେ ସେ ଚିନ୍ତା କଲେ ଏହି କଣ୍ଢେଇଗୁଡ଼ିକୁ ଯଦି ସାଧାରଣ ପିଲାମାନେ ଦେଖନ୍ତେ, ତା'ହେଲେ କେତେ ନୂଆ କଥା ଶିଖିପାରନ୍ତେ। ଏହା ଭାବି ସେ ଯେଉଁଠି ଯେଉଁଠି ତାଙ୍କ କାର୍ଟୁନଗୁଡ଼ିକୁ ପ୍ରଦର୍ଶନୀ କରୁଥିଲେ, ସେଠାକୁ ଏହି କଣ୍ଢେଇଗୁଡ଼ିକୁ ନେଇ ପ୍ରଦର୍ଶନୀ କରିବାକୁ ଲାଗିଲେ। ବାରମ୍ବାର ଏହି କଣ୍ଢେଇଗୁଡ଼ିକୁ ନେବା ଆଣିବା କରିବା ଦ୍ୱାରା କିଛି କଣ୍ଢେଇ ସେଥିରୁ ଭାଙ୍ଗି ବି ଯାଉଥିଲା। ଥରେ ଶଙ୍କରଙ୍କର ଏହି କଣ୍ଢେଇ ପ୍ରଦର୍ଶନୀ ଦେଖିବାକୁ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଝିଅ ଇନ୍ଦିରା ଗାନ୍ଧୀକୁ ଧରି ଆସିଥିଲେ। ଶଙ୍କରଙ୍କର ଏଭଳି ପ୍ରୟାସକୁ ସେ ପ୍ରଶଂସା କରିବା ସମୟରେ ଶଙ୍କର ଏହି →









କଣ୍ଢେଇଗୁଡ଼ିକୁ ନେବା ଆଣିବାରେ ଯେଉଁ ସମସ୍ୟା ଉପୁଜୁଛି, ତାହା ପ୍ରଧାନମନ୍ତ୍ରୀଙ୍କ ଆଗରେ ପ୍ରକାଶ କରିଥିଲେ। ସେତେବେଳେ ପ୍ରଧାନମନ୍ତ୍ରୀ ଏହି କଣ୍ଢେଇଗୁଡ଼ିକ ପାଇଁ ସ୍ଥାୟୀ ଘର ନିର୍ମାଣ ନିମନ୍ତେ ପ୍ରସ୍ତାବ ଦେଇଥିଲେ। ପରବର୍ତ୍ତୀ ସମୟରେ ଯେତେବେଳେ ନୂଆଦିଲ୍ଲୀର ବାହାଦୁର ଶାହ ଜାଫର୍ ମାର୍ଗରେ ଚିଲ୍ଡ୍ରେନ୍ ବୁକ୍ ଟ୍ରଷ୍ଟ ବିଲ୍ଡିଂର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଗଲା, ତା'ର ଗୋଟିଏ ଭାଗରେ ଏହି କଣ୍ଢେଇ ମ୍ୟୁଜିୟମ୍ ପାଇଁ ସ୍ୱତନ୍ତ୍ର ଘର ନିର୍ମାଣ କରାଗଲା। ଆଉ ବିଧିବଦ୍ଧ ଭାବେ ୧୯୬୫ ମସିହାରେ ଏହି ମ୍ୟୁଜିୟମ୍‌ଟିକୁ ଲୋକଙ୍କ ଦେଖିବା ନିମନ୍ତେ ଖୋଲି ଦିଆଗଲା। ପର୍ଯ୍ୟଟକ ଏଠାରେ ବିଶ୍ୱର ବିଭିନ୍ନ ସ୍ଥାନରୁ ସଂଗ୍ରହ କରାଯାଇଥିବା ପ୍ରାୟ ୬୫୦୦ରୁ ଊର୍ଦ୍ଧ୍ୱ ପ୍ରକାରର କଣ୍ଢେଇ ଦେଖିବାର ସୁଯୋଗ ପାଇଥାଆନ୍ତି। ଖାସ୍ କରି ବିଭିନ୍ନ ପାରମ୍ପରିକ ପୋଷାକ ଓ ଅଳଙ୍କାର ପରିଧାନ କରିଥିବା କଣ୍ଢେଇଗୁଡ଼ିକୁ ଏଠାରେ ଦେଖିବା ଦର୍ଶକଙ୍କୁ ନିଆରା ଅନୁଭୂତି ଦେଇଥାଏ।

**ଗୁଡ଼ି ମ୍ୟୁଜିୟମ୍:** ଅହମଦାବାଦ୍‌ରେ ସଂସ୍କାର କେନ୍ଦ୍ର ନାମରେ ଏକ ମ୍ୟୁଜିୟମ୍ ରହିଛି। ଏଠାକୁ ବୁଲି ଆସୁଥିବା ପର୍ଯ୍ୟଟକ ଅହମଦାବାଦର ଇତିହାସ, କଳା, ସଂସ୍କୃତି, ସ୍ଥାପତ୍ୟ ଆଦି ସମ୍ପର୍କରେ ବହୁ ଅଜଣା କଥା ଜାଣିବାର ସୁଯୋଗ ପାଇଥାନ୍ତି। ତେବେ ଆଶ୍ଚର୍ଯ୍ୟର କଥା ହେଉଛି ଏହି ସଂସ୍କାର କେନ୍ଦ୍ରର ଗୋଟିଏ ଭାଗକୁ କାଇଟ୍ ମ୍ୟୁଜିୟମ୍ ବା ଗୁଡ଼ି ସଂଗ୍ରହାଳୟ ପାଇଁ ଛାଡ଼ି ଦିଆଯାଇଛି; ଯେଉଁଠାରେ ଭିନ୍ନ ଭିନ୍ନ ଡିଜାଇନ୍‌ର ଶହେରୁ ଊର୍ଦ୍ଧ୍ୱ ପ୍ରକାରର ଗୁଡ଼ିକୁ ସ୍ୱତନ୍ତ୍ର କାଚର ବକ୍ସ ଭିତରେ ପ୍ରଦର୍ଶନୀ କରାଯାଇଥିବାର ପର୍ଯ୍ୟଟକ ଦେଖିପାରିବେ। କେବଳ ସେତିକି ନୁହେଁ, ବିଶ୍ୱରେ ସର୍ବପ୍ରଥମେ ଗୁଡ଼ି କେବେ, କେଉଁଠାରେ ଉଡ଼ା ଯାଇଥିଲା, ଏହା ଦେଖିବାକୁ କେମିତି ଥିଲା ଓ ଏହାକୁ କିଏ ଉଡ଼ାଇଥିଲେ ସେ ସମ୍ପର୍କିତ ଅନେକ ତଥ୍ୟ ବି ଏଠାରୁ ପାଇହେବ। ତା'ଛଡ଼ା ଭାରତ ବ୍ୟତୀତ ଆଉ କେଉଁଠି କେଉଁଠି ଗୁଡ଼ି ଉଡ଼ାଯାଏ, କେଉଁ ସମୟରେ ଉଡ଼ାଯାଏ, ଆଉ ସେହି ସବୁ ଗୁଡ଼ି ଦେଖିବାକୁ କେମିତି ତା'ର ଅନେକ ଫଟୋଚିତ୍ର ବି ଏହି ମ୍ୟୁଜିୟମ୍‌ରେ ସାଇତିକି ରଖାଯାଇଛି। ଏହି ମ୍ୟୁଜିୟମ୍‌କୁ କେହି କେହି ପତଙ୍ଗ ମ୍ୟୁଜିୟମ୍ ବୋଲି ବି କହିଥାନ୍ତି। ସୂଚନାନୁଯାୟୀ, ଭାନୁ ଶାହା ନାମକ ଜଣେ ବ୍ୟକ୍ତି ନିଜ ରୁଚି ପାଇଁ ବିଭିନ୍ନ ସ୍ଥାନରୁ କିଛି ଗୁଡ଼ି ସଂଗ୍ରହ କରି ନିଜ ପାଖରେ ରଖିଥିଲେ। ପରବର୍ତ୍ତୀ ସମୟରେ ଗୁଡ଼ି ଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ସେ ଅହମଦାବାଦ୍ ମ୍ୟୁନିସିପାଲ କର୍ପୋରେଶନକୁ ସମସ୍ତ ଗୁଡ଼ି ହସ୍ତାନ୍ତରିତ କରିଦେଲେ। ଏହାର କିଛିଦିନ ପରେ ସଂସ୍କାର କେନ୍ଦ୍ରରେ ଗୁଡ଼ି ମ୍ୟୁଜିୟମ୍ ଖୋଲାଯାଇ ସେଠାରେ ଉକ୍ତ ଗୁଡ଼ିଗୁଡ଼ିକୁ ପ୍ରଦର୍ଶନୀ ନିମନ୍ତେ ରଖାଯାଇଥିଲା। ତା'ପରଠୁ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ଅହମଦାବାଦ୍ ମ୍ୟୁନିସିପାଲ୍ କର୍ପୋରେଶନ ନେବା ସହିତ ଗୁଡ଼ିର କଲେକ୍ସନ୍‌କୁ ବଢାଇବା ପାଇଁ ବିଭିନ୍ନ ସ୍ଥାନରୁ ଗୁଡ଼ି ଏବଂ ସେ ସମ୍ପର୍କିତ ତଥ୍ୟ ସଂଗ୍ରହ କରିବାକୁ ଲାଗିଲା।

**ବାସନକୁସନ ମ୍ୟୁଜିୟମ୍:** ଏହି ମ୍ୟୁଜିୟମ୍‌ଟି ବି ଅହମଦାବାଦ୍‌ରେ ରହିଛି। ବିଚାର ୟୁଟେନ୍‌ସିଲ୍ ମ୍ୟୁଜିୟମ୍ ନାମରେ ପରିଚିତ ଏହି ମ୍ୟୁଜିୟମ୍‌ରେ ପର୍ଯ୍ୟଟକ ପୁରାତନ ଯୁଗମାନଙ୍କରେ ବ୍ୟବହାର କରାଯାଉଥିବା ବିଭିନ୍ନ ପ୍ରକାର ବାସନକୁସନ, ହଣ୍ଡା, ହାଣ୍ଡି, ଘରକରଣା ସାମଗ୍ରୀ, ପୂଜା ସାମଗ୍ରୀ, ପାନବଟୁଆ, ଧୂପ ଜାଳିବା ଷ୍ଟାଣ୍ଡ, ଦୀପ, ପନିକି, ପିକଦାନୀ, ଗହଣା ବାକ୍ସ, ଯୌତୁକ ବାକ୍ସ, ଗୁଆକାତି, ହେମଦସ୍ତା, ଘୋରଣା, ଉଠା ଚୁଲି, ଲ୍ୟାମ୍ପ ଏମିତି ପ୍ରାୟ ୪ ହଜାରୁ ଊର୍ଦ୍ଧ୍ୱ ପ୍ରକାରର ପାରମ୍ପରିକ ଘରୋଇ ଉପକରଣ ଜିନିଷ ଦେଖିବାର ସୁଯୋଗ ପାଇପାରିବେ। ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି ଏହିସବୁ ଜିନିଷଗୁଡ଼ିକ ମଧ୍ୟରୁ କିଛି ଜିନିଷ ମାଟିରେ ତିଆରି ହୋଇଥିବାବେଳେ ଆଉ କିଛି କଂସା, ପିତଳ, କାଠ, ତମ୍ବା, କାଚ, ଷ୍ଟେନ୍‌ଲେସ୍ ଷ୍ଟିଲ୍ ଏପରିକି ଜର୍ମାନୀ ସିଲ୍‌ଭର୍‌ରେ ତିଆରି ହୋଇଛି; ଯାହାକୁ ଏଠାରେ ଦର୍ଶକଙ୍କ ଦେଖିବା ନିମନ୍ତେ ଖୋଲା ପ୍ରଦର୍ଶନୀରେ ରଖାଯାଇଛି। ଏହି ମ୍ୟୁଜିୟମ୍‌ରେ ଏମିତି ବି କିଛି ଜିନିଷ ରହିଛି; ଯେଉଁଥିରେ ଅତି ସୁନ୍ଦର ସୂକ୍ଷ୍ମ କାରୁକାର୍ଯ୍ୟମାନ ବି କରାଯାଇଛି। ଏହିସବୁ ହେଉଛି ସେହି ସମୟର ଜିନିଷ ଯେତେବେଳେ ସୂକ୍ଷ୍ମ କାରୁକାର୍ଯ୍ୟ ପାଇଁ କୌଣସି ମେସିନ୍ ବାହାରି ନ ଥିଲା କି ଶିଳ୍ପୀମାନେ କଳାର କୌଣସି ଡିଗ୍ରୀ ହାସଲ କରି ନ ଥିଲେ। ଏଥିରୁ ଅନୁମାନ କରିହୁଏ ଯେ, ସେତେବେଳର ଶିଳ୍ପୀମାନେ କେତେ ଦକ୍ଷପୂର୍ଣ୍ଣ ଥିଲେ। ସେହିପରି ବିଭିନ୍ନ ପ୍ରକାରର ଚଢେଇ, ନୃତ୍ୟରତା ନାରୀ, ରୂପବତୀ କନ୍ୟା ଆକୃତିର ଗୁଆକାତି ବି ଉକ୍ତ ମ୍ୟୁଜିୟମ୍‌ର ଅନ୍ୟତମ ମୁଖ୍ୟ ଆକର୍ଷଣ। ତେବେ ବିଚାର; ଯାହା ବିଶାଳ ଏନ୍‌ଭାଇରନମେଣ୍ଟାଲ୍ ସେଣ୍ଟର ଫର୍ ହେରିଟେଜ୍ ଅଫ୍ ଆର୍ଟ, ଆର୍କିଟେକ୍ଚର ଆଣ୍ଡ ରିସର୍ଚ୍ଚ ଚାରିଟେବଲ୍ ଟ୍ରଷ୍ଟ ଭାବେ ପରିଚିତ। ଏହାର ମ୍ୟାନେଜିଂ ଟ୍ରଷ୍ଟି ସୁରେନ୍ଦ୍ର ପଟେଲ୍ ନିଜର ସହଯୋଗୀ ଜ୍ୟୋତିନ୍ଦ୍ର ଜେନ୍‌ଙ୍କ ସହ ମିଶି ଏହି ମ୍ୟୁଜିୟମ୍‌ଟିକୁ ଖୋଲିବାର ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ; ଯାହା ଏବେ ପର୍ଯ୍ୟଟକଙ୍କ ପାଇଁ ଏକ ଭ୍ରମଣସ୍ଥଳୀରେ ପରିଣତ ହୋଇଗଲାଣି।

**ଟଏଲେଟ୍ ମ୍ୟୁଜିୟମ୍:** ଏମିତି ବି ଏକ ଅଜବ ମ୍ୟୁଜିୟମ୍ ଥାଇପାରେ ଭାବି ଆଶ୍ଚର୍ଯ୍ୟ ଲାଗୁଛି ନା। କିନ୍ତୁ ସତରେ ଏମିତି ଏକ ମ୍ୟୁଜିୟମ୍ ରହିଛି, ସେ ପୁଣି ଦିଲ୍ଲୀରେ। ଲୋକପ୍ରିୟ ସାମାଜିକ କାର୍ଯ୍ୟକର୍ତ୍ତା ତଥା ସୁଲଭ ସାନିଟେଶନ ଆଣ୍ଡ ସୋସିଆଲ୍ ରିଫର୍ମ ମୁଭମେଣ୍ଟର ଫାଉଣ୍ଡର ଡ.ବିନ୍ଦେଶ୍ୱର ପାଠକ ୧୯୯୨ ମସିହାରେ ଏହି ମ୍ୟୁଜିୟମ୍ ପ୍ରତିଷ୍ଠା କରିଥିଲେ। ତାଙ୍କର ଉଦ୍ଦେଶ୍ୟ ଥିଲା ସାଧାରଣ ଲୋକମାନଙ୍କୁ ସ୍ୱଚ୍ଛତା ତଥା ଶୌଚାଳୟର ବିଶ୍ୱ ଇତିହାସ ସମ୍ପର୍କରେ ଅବଗତ କରାଇବା। ଅର୍ଥାତ୍ କେବେଠାରୁ ବିଶ୍ୱରେ ଶୌଚାଳୟର ବ୍ୟବହାର ଆରମ୍ଭ ହେଲା, ଏହା ଦେଖିବାକୁ କେମିତି ଥିଲା, ପୁରାତନ ଯୁଗରୁ ବର୍ତ୍ତମାନ ସମୟ ଭିତରେ ଶୌଚାଳୟର ଡିଜାଇନ୍‌ରେ କେମିତି ପରିବର୍ତ୍ତନ ଆସିଛି, ସେ ସମ୍ପର୍କିତ ଅନେକ ତଥ୍ୟ ଚିତ୍ର ମାଧ୍ୟମରେ ହେଉ ଅଥବା ସତସତିକା ଶୌଚାଳୟଗୁଡ଼ିକୁ ବିଭିନ୍ନ ସ୍ଥାନରୁ ସଂଗ୍ରହ କରି ଏଠାରେ ଲୋକଙ୍କ ଦେଖିବା ନିମନ୍ତେ ରଖାଯାଇଛି। ତା'ଛଡ଼ା ବିଶ୍ୱର ସବୁଠୁ ଛୋଟ ଟଏଲେଟ୍, ବଡ଼ ଟଏଲେଟ୍, ଆରାମଦାୟକ ଟଏଲେଟ୍, ଦାମୀ ଟଏଲେଟ୍ ତଥା କେତେକ ଅଜବ ଡିଜାଇନ୍‌ର ଟଏଲେଟ୍‌କୁ ବି ଏହି ମ୍ୟୁଜିୟମ୍‌ରେ ସ୍ଥାନ ଦିଆଯାଇଛି। ଏବେ ଏହି ମ୍ୟୁଜିୟମ୍‌ଟି ସୁଲଭ ଇଣ୍ଟରନ୍ୟାଶନାଲ୍ ନାମକ ସମାଜ ସେବା ସଂଗଠନ ଦ୍ୱାରା ପରିଚାଳିତ ହେଉଛି ଆଉ ବୁଲି ଆସୁଥିବା ପର୍ଯ୍ୟଟକଙ୍କୁ ନିଆରା ଅନୁଭୂତି ଦେଉଛି।

**ଜାତୀୟ ରେଳ ମ୍ୟୁଜିୟମ୍:** ଭାରତୀୟ ରେଳ ପରିବହନର ଇତିହାସ ସମ୍ପର୍କରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିଥାଏ ଏହି ମ୍ୟୁଜିୟମ୍। ନୂଆ ଦିଲ୍ଲୀର ଚାଣକ୍ୟପୁରୀଠାରେ ପ୍ରାୟ ୧୧ ଏକର ପରିସୀମାବ୍ୟାପ୍ତ ଅଞ୍ଚଳ ଉପରେ ଗଢ଼ି ଉଠିଥିବା ଏହି ରେଳ ମ୍ୟୁଜିୟମ୍‌ଟିକୁ ୧୯୭୭ ମସିହାରେ ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ ଖୋଲାଯାଇଥିଲା। ସେ ସମୟରେ ଏହାର ନାମ ଥିଲା 'ରେଲ୍ ଟ୍ରାନ୍ସପୋର୍ଟ ମ୍ୟୁଜିୟମ୍'। ପରବର୍ତ୍ତୀ ସମୟରେ ଅର୍ଥାତ୍ ୧୯୯୫ରେ ଏହାକୁ 'ନ୍ୟାଶନାଲ ରେଲ୍ ମ୍ୟୁଜିୟମ୍' ବା 'ଜାତୀୟ ରେଳ ମ୍ୟୁଜିୟମ୍'ର ମାନ୍ୟତା ମିଳିଲା। ଏହି ମ୍ୟୁଜିୟମ୍‌ରେ ପର୍ଯ୍ୟଟକ ବିଭିନ୍ନ ପ୍ରକାର ରେଳଇଞ୍ଜିନର ମଡେଲ୍ ତଥା କୋଚ୍ ଆଦି ଦେଖିବାର ସୁଯୋଗ ପାଇପାରିବେ। ଯେମିତିକି ଭାରତରେ ପ୍ରଥମ କରି ବ୍ୟବହୃତ ହୋଇଥିବା ରେଳଇଞ୍ଜିନ ଓ କୋଚ୍‌ରୁ ଆରମ୍ଭ କରି ପରବର୍ତ୍ତୀ ସମୟରେ ଏହି ରେଳ ମଡେଲ୍‌ରେ କ'ଣ ସବୁ ପରିବର୍ତ୍ତନ କରାଯାଇଥିଲା ସେ ସମ୍ପର୍କିତ ଅନେକ ତଥ୍ୟ ଏଠାରୁ ଜାଣିପାରିବେ। ତା'ସହିତ ଏଠାରେ ଏକ ଅଡିଟୋରିୟମ୍ ବି ଅଛି, ଯେଉଁଠାରେ ରେଳ ପରିବହନର ଇତିହାସ ସମ୍ପର୍କିତ ବିଭିନ୍ନ ତଥ୍ୟ ପର୍ଯ୍ୟଟକ ସ୍କ୍ରିନ୍‌ରେ ଦେଖିପାରିବେ।

**ମ୍ୟୁଜିକ୍ ମ୍ୟୁଜିୟମ୍:** 'ଇଣ୍ଡିଆନ୍ ମ୍ୟୁଜିକ୍ ଏକ୍ସପେରିଏନ୍ସ ମ୍ୟୁଜିୟମ୍' ନାମରେ ପରିଚିତ ଏହି ସଂଗ୍ରହାଳୟଟି କର୍ନାଟକର ବେଙ୍ଗାଲୁରସ୍ଥିତ ଜୟପ୍ରକାଶ ନଗରରେ ଅବସ୍ଥିତ। ୨୦୧୯ରେ ପ୍ରତିଷ୍ଠିତ ହୋଇଥିବା ଏହି ମ୍ୟୁଜିୟମ୍‌ଟି ପାରସ୍ପରିକ ପ୍ରଦର୍ଶନୀ ତଥା ଶିକ୍ଷାଗତ କାର୍ଯ୍ୟକ୍ରମ ମାଧ୍ୟମରେ ଭାରତୀୟ ସଙ୍ଗୀତର ଐତିହ୍ୟକୁ ସଂରକ୍ଷଣ ଏବଂ ପ୍ରଦର୍ଶନ କରିବା ନିମନ୍ତେ ଉତ୍ସର୍ଗୀକୃତ। ଏହି ମ୍ୟୁଜିୟମ୍‌ରେ ଏକ ବଡ଼ ଏକ୍‌ଜିବିଶନ୍ ଗ୍ୟାଲେରି ରହିଛି; ଯାହାକୁ ୯ଟି ଭାଗରେ ବିଭକ୍ତ କରାଯାଇଛି। ପର୍ଯ୍ୟଟକ ଏଠାକୁ ଗଲେ ବିଭିନ୍ନ ପ୍ରକାରର ପାରମ୍ପରିକ ବାଦ୍ୟଯନ୍ତ୍ରରୁ ଆରମ୍ଭ କରି ବର୍ତ୍ତମାନ ସମୟରେ ଯେଉଁ ଆଧୁନିକ ବାଦ୍ୟଯନ୍ତ୍ର ସବୁ ବ୍ୟବହାର କରାଯାଉଛି, ସେ ସବୁର ଅନେକ କଲେକ୍ସନ ଦେଖିବାକୁ ପାଇପାରିବେ। ତା'ସହିତ ପୁରୁଣା କ୍ୟାସେଟ୍, ସିଡି, ଭିଡିଓ ରିଲ୍ସ, ବହୁ ବିଶିଷ୍ଟ ଗୀତିକାର, କଣ୍ଠଶିଳ୍ପୀ ତଥା ସଙ୍ଗୀତ ନିର୍ଦ୍ଦେଶକମାନଙ୍କର ଫଟୋ ଏବଂ ସେମାନଙ୍କର ରେକର୍ଡିଂ ଆଦିକୁ ଏଠାରେ ଖୁବ୍ ଯତ୍ନର ସହକାରେ ସାଇତିକି ରଖାଯାଇଛି। ଏଠାରେ ରେକର୍ଡିଂ ଷ୍ଟୁଡିଓ ବି ରହିଛି। ତା'ସହିତ ଅଧିକାଂଶ ସମୟରେ ଏଠାରେ ବିଭିନ୍ନ ମ୍ୟୁଜିକାଲ୍ ପ୍ରୋଗ୍ରାମ୍ ଚାଲିଥିବାର ବି ଦର୍ଶକ ସ୍ୱଚକ୍ଷୁରେ ଦେଖିପାରିବେ। କେବଳ ସେତିକି ନୁହେଁ ମ୍ୟୁଜିକ୍ ସମ୍ପର୍କିତ ସ୍ୱତନ୍ତ୍ର ତାଲିମ ବି ଏଠାରେ ଦିଆଯିବାର ସୁବିଧା ଉପଲବ୍ଧ ରହିଛି।

କେବଳ ଏତିକି ନୁହେଁ, ଆମ ଦେଶରେ ଏମିତି ଆହୁରି ଅନେକ ଅଜବ ମ୍ୟୁଜିୟମ୍ ରହିଛି; ଯାହା ପର୍ଯ୍ୟଟକଙ୍କୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିବା ସହ ନିଆରା ଅନୁଭୂତି ଦେବ।

**–ଅନ୍ୱିତା ମିଶ୍ର**







# ଯୁଦ୍ଧର କରୁଣ ପରିଣତି

**ଯୁଦ୍ଧ! ଛାତି ଥରେଇ ଦେବାପରି ଶବ୍ଦଟିଏ। ନିଦ ହଜେଇ ଦେବାପରି ସମୟ। ଯୁଦ୍ଧ ହେଲେ, ଯୁଦ୍ଧ କ'ଣ ଜାଣି ନ ଥିବା କୋମଳମତି ଶିଶୁଙ୍କୁ ବି ମୂଲ୍ୟ ଦେବାକୁ ପଡ଼େ; ଯାହାର ଦୁଇଟି ଛୋଟ ଉଦାହରଣ ଏଇ ଦୁଇ କୋମଳମତି ଶିଶୁଙ୍କ କାହାଣୀ...**

## ଯୁଦ୍ଧର ପରିଣତି

ଏହି ଫଟୋଟି ୧୯୪୫ରେ ଜାପାନର ନାଗାସାକୀରେ ଉଠାଯାଇଥିଲା। ଫଟୋଗ୍ରାଫର୍ ଜୋ ଓ'ଡନେଲ ଏହି ହୃଦୟ ବିଦାରକ ଫଟୋଟିକୁ ୧୯୪୫ରେ ଜାପାନର ପରମାଣୁ ବୋମା ବିଧ୍ୱସ୍ତ ନାଗାସାକୀରେ ଉଠାଇଥିଲେ। ଫଟୋରେ ଦେଖିବାକୁ ପାଇବେ ଜଣେ ଦଶ ବର୍ଷ ବୟସର ଶିଶୁ ଅଦ୍ଭୁତ ମନଯୋଗରେ କୌଣସି ଦୃଶ୍ୟକୁ ଚାହିଁ ରହିଛି। ତାରି ପିଠିରେ ଯେଉଁ ଅନ୍ୟ ଶିଶୁଟିକୁ ଦେଖିବାକୁ ପାଉଛନ୍ତି ସେ ବୋମାମାଡ଼ରେ ମୃତ୍ୟୁବରଣ କରିଛି। ଦଶ ବର୍ଷର ପିଲାଟି ନିଜ ସାନ ଭାଇର ମୃତଦେହ ପିଠିରେ ବୋହି ଅପେକ୍ଷା କରି ରହିଛି ଅନ୍ତ୍ୟେଷ୍ଟିକ୍ରିୟା ପାଇଁ। ଅନେକ ସମୟ ଅପେକ୍ଷା କରିବା ପରେ, ସହର ବାହାରେ ମାକେଶଫିଟଠାରେ ତା'ର ସାନଭାଇକୁ ଦାହ କରାଯାଇଥିଲା। ଫଟୋଗ୍ରାଫର୍ ଜୋ ଓ'ଡନେଲ ଲେଖିଥିଲେ–''ମୁଁ ପ୍ରାୟ ଦଶ ବର୍ଷ ବୟସର ଏକ ପିଲାକୁ ଅନେକ ସମୟ ଯାଏ ଚାଲି ଚାଲି ଯାଉଥିବା ଲକ୍ଷ୍ୟ କରିଥିଲି। ସେ ଗୋଟିଏ ଶିଶୁକୁ ପିଠିରେ ବୋହି ବୋହି ଚାଲୁଥିଲା। ଜାପାନରେ ଅବସ୍ଥାନ କାଳରେ ଦ୍ୱିତୀୟ ବିଶ୍ୱଯୁଦ୍ଧର ସେହି ଭୟାନକ ସମୟରେ ଆମେ ପ୍ରାୟତଃ ପିଲାମାନଙ୍କୁ ସେମାନଙ୍କର କାନ୍ଧରେ ଭାଇ କିମ୍ବା ଭଉଣୀକୁ ବୋହି ନେଉଥିବାର ଦୃଶ୍ୟ ଦେଖିଛୁ କିନ୍ତୁ ଏହି ଘଟଣାଟି ଥିଲା ସମ୍ପୂର୍ଣ୍ଣ ଭିନ୍ନ। ତେଣୁ ମୁଁ ସେହି ପିଲାକୁ ଅନୁସରଣ କରିଥିଲି। ମୁଁ ଦେଖିଲି, ତା' ପାଦରେ ଜୋତା ନ ଥିଲା। ମୁହଁଟା ତା'ର ଅସମ୍ଭବ ଭାବରେ କଠିନ। ପିଠିରେ ବନ୍ଧା ଯାଇଥିବା ତା'ର ସାନ ଭାଇର ମୁଣ୍ଡଟି ପଛ ଆଡ଼କୁ ଏମିତି ଢଳି ପଡ଼ିଥିଲା ଯେ ମନେ ହେଉଥିଲା, ଶିଶୁଟି ଶୋଇ ପଡ଼ିଛି। ମାକେଶଫିଟଠାରେ ପହଞ୍ଚି ପିଲାଟି ଅନେକ ସମୟ ଧରି ଅପେକ୍ଷା କରିବା ପରେ ଧଳା ମୁଖା ପିନ୍ଧା କିଛି ଲୋକ ତା' ପାଖକୁ ଆସି ଚୁପଚାପ ଶିଶୁଟି ବନ୍ଧା ହୋଇଥିବା ଦଉଡ଼ି କାଟିବାକୁ ଲାଗିଲେ। ସେତେବେଳେ ହିଁ ମୋର ହୃଦବୋଧ ହୋଇଥିଲା ଯେ ପିଲାଟି ଏତେ ବେଳ ଯାଏ ତା' ଭାଇର ଶବକୁ ପିଠିରେ ବୋହି ରହିଥିଲା। ଶିଶୁଟି ଯେ ମୃତ ଏକଥା ମୁଁ କଳ୍ପନା ମଧ୍ୟ କରି ନ ଥିଲି। ଧଳା ମୁଖା ପିନ୍ଧା ଲୋକମାନଙ୍କ ମଧ୍ୟରୁ ଜଣେ ସେହି ପିଲାକୁ କହିଲେ, ''ଅନେକ ବେଳୁ ତୁମେ ଏହି ବୋଝ ବୋହି ରହିଛ, ଏବେ ତାକୁ ମୋତେ ଦିଅ।'' ପିଲାଟି ଉତ୍ତର ଦେଲା– ସେ ବୋଝ ନୁହେଁ, ମୋର ସାନଭାଇ। ଧଳା ମୁଖା ପିନ୍ଧା ଲୋକମାନେ ମୃତ ଶିଶୁକୁ ତା'ପାଖରୁ ନେଲେ ତା'ପରେ ସାମ୍ନାରେ ଜଳୁଥିବା ଜ୍ୱଳନ୍ତ ନିଆଁ ଭିତରେ ଶିଶୁଟିର ମୃତଦେହକୁ ଫୋପାଡ଼ି ଦେଲେ। ପିଲାଟି ସେଠାରୁ ଆଦୌ ଘୁଞ୍ଚିଲା ନାହିଁ, ସେଠାରେ ହିଁ ଛିଡ଼ା ହୋଇ ରହିଲା ଏବଂ ଜ୍ୱଳନ୍ତ ଶିଖାକୁ ଅପଲକ ନୟନରେ ଚାହିଁ ରହିଲା। ମୁଁ ଦେଖିଲି, ନ କାନ୍ଦିବା ପାଇଁ ସେ ତା'ର ଓଠକୁ ଏତେ ଶକ୍ତ ଭାବରେ କାମୁଡ଼ି ଧରିଥିଲା ଯେ, ତା' ଓଠ କଣରୁ ରକ୍ତର ଧାର ବୋହିବାକୁ ଲାଗିଲା। ଜ୍ୱଳନ୍ତ ନିଆଁର ଶିଖା ଜଳୁଥିଲା ସୂର୍ଯ୍ୟ ପରି। କିଛି ସମୟ ପରେ ନିଆଁ ଲିଭି ଆସୁଛି ଦେଖି ପିଲାଟି ନିଃଶବ୍ଦରେ ସେଠାରୁ ଚାଲିଗଲା।''

ଜାପାନରେ ଆଜି ମଧ୍ୟ ଏହି ଫଟୋଟିକୁ ଶକ୍ତିର ପ୍ରତୀକ ଭାବରେ ବ୍ୟବହାର କରାଯାଇଥାଏ।

## ସେହି ହତଭାଗା ନିରୀହ ଶିଶୁ



୨୦୧୫ ମସିହା! ଭୟାବହ ଯୁଦ୍ଧ, କ୍ରମାଗତ ବୋମାମାଡ଼, ଧ୍ୱସ୍ତ ବିଧ୍ୱସ୍ତ ହୋଇଯାଉଛି ସିରିଆର ଅନେକ ଜନପଦ। ମରୁଛନ୍ତି ନିରୀହ ମଣିଷ। ଆସନ୍ନ ମୃତ୍ୟୁ କବଳରୁ ରକ୍ଷା ପାଇବା ପାଇଁ 'କୋଦାନି' ପରିବାର ନିଜର ଭିଟାମାଟି ଛାଡ଼ି 'କସ' ନାମକ ଗ୍ରୀସର ଏକ ଦ୍ୱୀପକୁ ଚାଲିଯାଉଥିବା ଦଳେ ଶରଣାର୍ଥୀଙ୍କ ସହିତ ମିଶି ଯାତ୍ରା ଆରମ୍ଭ କରିଥିଲେ। ଦୁଇଟି ଛୋଟ ଛୋଟ ନୌକାରେ ସେମାନେ ମୋଟ ୨୩ ଜଣ ଜୀବନ ବିକଳରେ ଚାଲି ଯାଉଥିଲେ। ସେହି ଯାତ୍ରୀମାନଙ୍କ ଭିତରେ ଥିଲା ତିନି ବର୍ଷର ଆୟଲାନ କୁର୍ଦ୍ଦି ଏବଂ ତା'ର ପାଞ୍ଚ ବର୍ଷର ବଡ଼ଭାଇ ତଥା ବାପା ଓ ମା'। 'ବୋଡ୍ରାମ'ରୁ ଯାତ୍ରା ଆରମ୍ଭ କରିବା ପରେ ସେମାନଙ୍କର ଦୁଇଟି ଯାକ ନୌକା ପ୍ରଖର ଜଳସ୍ରୋତରେ ଓଲଟି ବୁଡ଼ି ଯାଇଥିଲା। ଅନ୍ୟମାନଙ୍କ ସହିତ ଆୟଲାନ କୁର୍ଦ୍ଦି, ତା'ର ବଡ଼ଭାଇ ଏବଂ ଅନ୍ୟ ତିନିଜଣ ଶିଶୁ ପାଣିରେ ବୁଡ଼ି ମୃତ୍ୟୁବରଣ କରିଥିଲେ।


ଏହି ଘଟଣାର କିଛିଦିନ ପରେ ତୁରସ୍କର ସମୁଦ୍ର କୂଳରେ ଆୟଲାନର ମୃତଦେହ ଭାସି ଭାସି ଆସି ଲାଗିଥିଲା। ସମୁଦ୍ର ବେଳାଭୂମିରେ ବାଲି ଉପରେ ମୁହଁ ମାଡି ପଡ଼ି ରହିଥିବା ଆୟଲାନର ମୃତଦେହର ଫଟୋ ସମଗ୍ର ବିଶ୍ୱବାସୀଙ୍କୁ ସ୍ତମ୍ଭୀଭୂତ କରିଦେଇଥିଲା। ସେହି ଦୁର୍ଘଟଣାରେ ବଞ୍ଚି ଯାଇଥିବା ଆୟଲାନର ବାପା ଗଣମାଧ୍ୟମକୁ ଜଣାଇଥିଲେ ଯେ, ନୌକା ଓଲଟି ପଡ଼ିବାବେଳେ ସେ ପ୍ରାଣପଣେ ସ୍ତ୍ରୀ ଏବଂ ଦୁଇ ପିଲାଙ୍କୁ ଜାବୁଡ଼ି ଧରି ରଖିବାର ଚେଷ୍ଟା କରିଥିଲେ କିନ୍ତୁ ତାଙ୍କର ସମସ୍ତ ଶକ୍ତି ଦେଇ ମଧ୍ୟ ସେମାନଙ୍କୁ ସେ ରକ୍ଷାକରି ପାରି ନ ଥିଲେ।

ସମୁଦ୍ରର ବେଳାଭୂମିରେ ଆୟଲାନର ମୃତଦେହର ଏହି ଫଟୋ ଯୁଦ୍ଧର ଭୟାବହତା ଏବଂ ନିରୀହ ହତଭାଗ୍ୟ ସାଧାରଣ ମଣିଷମାନଙ୍କର ଶୋଚନୀୟ ମୃତ୍ୟୁର ଏକ ସର୍ବକାଳୀନ ଦଲିଲ।

-ଭୁବନେଶ୍ୱର
ମୋ: ୯୪୩୭୫୩୪୭୭୩



# ଲେଖିବା ପୂର୍ବରୁ ଚରିତ୍ରମାନଙ୍କ ସ୍ୱର ମୁଁ ଶୁଣିପାରେ






**ବାଣପୁର ମାଟିର ନୈସର୍ଗିକ ଶୋଭାରାଜି ହିଁ ତାଙ୍କୁ କବିତାମନସ୍କ କରିଥିଲା। ପରେ ପରେ ଦୀର୍ଘ ୪ଦଶନ୍ଧି ମଧ୍ୟରେ ସେ ସୃଷ୍ଟି କରିଛନ୍ତି ଏକାଧିକ କବିତା, ଗଳ୍ପ ଓ ଉପନ୍ୟାସ।**

ସ୍କୁଲ ଜୀବନରେ ତାଙ୍କ ସୃଜନଶୀଳତାର ପରିଚୟ ମିଳିଥିଲା। କେବେ ଶାଳିଆ ନଈର କୂଳେ ତ ପୁଣି କେବେ ଘଣ୍ଟଶୀଳାର ପାଦଦେଶରେ ସାଙ୍ଗମାନଙ୍କ ସହିତ ତାଙ୍କର ଜମୁଥିଲା କବିତା ଆସର। ବାଣପୁର ମାଟିର ନୈସର୍ଗିକ ଶୋଭାରାଜି ହିଁ ତାଙ୍କୁ କବିତାମନସ୍କ କରିଥିଲା। ପରେ ପରେ ଦୀର୍ଘ ୪ଦଶନ୍ଧି ମଧ୍ୟରେ ସେ ସୃଷ୍ଟି କରିଛନ୍ତି ଏକାଧିକ କବିତା, ଗଳ୍ପ ଓ ଉପନ୍ୟାସ। ସେ ହେଲେ **ପୁରୁଷୋତ୍ତମ ମହାପାତ୍ର**। ଅବିଭକ୍ତ ପୁରୀଜିଲା ତଥା ଏବେର ଖୋର୍ଦ୍ଧା ଜିଲା ଅଧୀନ ବାଣପୁର ବ୍ଲକର ଗୋପାଳପୁର ଶାସନରେ ତାଙ୍କ ଘର। ସ୍ୱାଧୀନତାର ଦୁଇବର୍ଷ ପରେ ଅର୍ଥାତ୍ ମାର୍ଚ୍ଚ ୧ ତାରିଖ ୧୯୪୯ରେ ତାଙ୍କର ଜନ୍ମ। ମାତା ନିଶାମଣୀ ଦେବୀ, ପିତା ଭିକାରୀ ଚରଣ ମହାପାତ୍ର । ପିତା ଥିଲେ ଜଣେ କର୍ମକାଣ୍ଡ ବ୍ରାହ୍ମଣ। ତାଙ୍କର ଦୁଇ ଭାଇ ସୁବାସ, ସୁରେଶ ଓ ଏକମାତ୍ର ଭଉଣୀ ସବିତା। ତାଙ୍କ ବାପା ଯଜମାନ କାମକରି ଯାହାକିଛି ରୋଜଗାର କରୁଥିଲେ ସେଥିରେ ହିଁ ପରିବାର ଚଳୁଥିଲା।



ସେ କୁହନ୍ତି, 'ମୋର ପ୍ରାଥମିକ ଶିକ୍ଷା ଗାଁ ସ୍କୁଲରେ ଆରମ୍ଭ ହୋଇଥିଲା। ପ୍ରାଥମିକ ଶିକ୍ଷା ସମାପ୍ତ ପରେ ଗାଁ ନିକଟରେ ଥିବା ଗୋଦାବରୀଶ ବିଦ୍ୟାପୀଠରେ ହାଇସ୍କୁଲ ଶିକ୍ଷା ଆରମ୍ଭ ହେଲା। ସାଥୀମାନଙ୍କ ସହିତ ବହିବସ୍ତାନି ଧରି, କାନ୍ଧରେ ପକାଇ ପାଦରେ ଚାଲିଚାଲି ଆମ ଗାଁ ଗୋପାଳପୁରଠାରୁ ବାଣପୁରକୁ ପ୍ରାୟ ୧କିମି ଦୂର ଯାଉଥିଲୁ। ସ୍କୁଲ ଯିବା ପୂର୍ବରୁ ଘରେ ଜେଜେମା' ମୋତେ ବଢ଼ାଭାତ ପେଟେ ଖୋଇ ସ୍କୁଲକୁ ପଠାଉଥିଲା। ଖେଳ ଛୁଟିରେ ସାଥୀମାନେ ଗୁଡ଼ିଆଠାରୁ ଜଳଖିଆ ଖାଉଥିବାବେଳେ ମୋ ପାଖରେ ପଇସା ନ ଥିଲେ କେବଳ ପେଟେ ପାଣି ପିଇ ରହିଯାଉଥିଲି। ଏମିତିରେ ହାଇସ୍କୁଲ ପଢ଼ା ସମୟରେ ବିଦ୍ୟାଳୟର ମୁଖପତ୍ର 'ବନଫୁଲ'ରେ ମୋର ଏକ କବିତା ପ୍ରକାଶ ପାଇଥିଲା। ଏହାଥିଲା ମୋର ପ୍ରଥମ କବିତା। ୧୯୬୬ରେ ବିଦ୍ୟାପୀଠରୁ ଉତ୍ତୀର୍ଣ୍ଣ ହୋଇ ଗାଁ ପାଖରେ ଥିବା ଗୋଦାବରୀଶ ମହାବିଦ୍ୟାଳୟରେ ୧୯୬୬- ୬୭ରେ ନାମ ଲେଖାଇଥିଲି। କଲେଜ ପାଖ ଦେଇ ବହିଯାଉଥିଲା ଶାଳିଆ ନଈ। ସେତେବେଳେ କଲେଜରୁ କିଛି ସମୟ ପାଇଲେ ଶାଳିଆ ନଈ କୂଳରେ ସାଙ୍ଗମାନେ ଏକାଠି ହୋଇ କବିତା ଆଲୋଚନା କରୁଥିଲୁ। ସେବେଠାରୁ କବିତା ଲେଖିବାର ଧାରା ଆରମ୍ଭ ହେଲା। ଏହି ସମୟରେ ମୋର ସହପାଠୀ କବିବନ୍ଧୁ ପ୍ରସନ୍ନ ପାଟଶାଣୀ ବାଲୁଗାଁରୁ 'ବେଳା'ନାମକ ଏକ ପତ୍ରିକା ପ୍ରକାଶ କରୁଥିଲେ। ସେହି ବେଳା ପତ୍ରିକାଟି ସହ ନୂଆ ନୂଆ ଲେଖୁଥିବା ମୋ ପରି କେତେଜଣ ସଂପୃକ୍ତ ଥିଲୁ। ବାଲୁଗାଁକୁ ସେହି ସମୟରେ କବି ସଦାଶିବ ଦାଶ, ହୁସେନ ରବିଗାନ୍ଧୀ ପ୍ରମୁଖ ଆସୁଥିଲେ। କବିତାରେ ନୂତନ କବିତାର ଧାରା ସୃଷ୍ଟି କରିଥିବା ସ୍ୱଦେଶୀ ଭାରତୀୟ କବିମାନେ ବି ଆସୁଥିଲେ। ସେମାନଙ୍କ ସହିତ ମିଶିବାର ସୁଯୋଗ ମିଳିଥିଲା।


ସ୍ୱନାମଧନ୍ୟ କବି ପଣ୍ଡିତ ଗୋଦାବରୀଶ ମିଶ୍ର, ନିଆଁଖୁଣ୍ଟାର ସଂପାଦକ କବି ଗୋଦାବରୀଶ ମହାପାତ୍ର, ପାଇକକବି କୃଷ୍ଣଚନ୍ଦ୍ର ତ୍ରିପାଠୀ ପ୍ରମୁଖ ମୋ ପ୍ରେରଣା ପାଲଟିଲେ। କବି ପ୍ରସନ୍ନ ପାଟଶାଣୀ, ଦେବେନ୍ଦ୍ର ନାଥ ମାନସିଂହ, ତପନ ପଟ୍ଟନାୟକ ଆଦିଙ୍କ ଦ୍ୱାରା କବିତା ଲେଖିବା ପାଇଁ ପ୍ରେରଣା ମିଳୁଥିଲା। ଏହି ସମୟରେ ଗୋଦାବରୀଶ ମହାବିଦ୍ୟାଳୟରୁ ବିଏ ପାସ୍ କଲି। ସେହିବର୍ଷ ମୋ ଜୀବନରେ ଏକ ନୂତନ ଅଧ୍ୟାୟ ଆରମ୍ଭ ହୋଇଥିଲା। ମୋତେ ଓଡ଼ିଶା ସରକାରଙ୍କ ଅଧୀନରେ ଥିବା ରାଜ୍ୟ ଆୟୁର୍ବେଦିକ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ଚାକିରିଟିଏ ମିଳିଲା। ଏଥିସହିତ ମୋର ବିବାହ ସମ୍ପନ୍ନ ହୋଇ ସାଂସାରିକ ଜୀବନ ଆରମ୍ଭ ହେଲା। ଦୁଇପୁଅ ସମ୍ବିତ ଓ ସୁମିତ ଏବଂ କନ୍ୟା ସମାପ୍ତିଙ୍କ ସହିତ ପତ୍ନୀ ରେଣୁକାଙ୍କୁ ନେଇ ମୋ ପରିବାର। ଚାକିରି ଓ ବୈବାହିକ ଜୀବନ ଜଞ୍ଜାଳ ମଧ୍ୟରେ ବି ସାହିତ୍ୟିକ ଚେତନା ସୁପ୍ତ ହୋଇ ଯାଇ ନ ଥିଲା। ସେତେବେଳେ ଡିବିର ଆଲୁଅରେ ବସି କବିତା ଲେଖୁଥିବା ବେଳେ ମୋତେ ଲାଗେ କବିତା ଜୀବନପଥରେ ଅନ୍ଧାରରୁ ଆଲୋକ ଆଡ଼କୁ ହୃଦୟରେ ଚେତନାର ଦୀପଟିଏ ଜଳୁଥିଲା। କିନ୍ତୁ ଗଳ୍ପଟିଏ ଲେଖିବା ପୂର୍ବରୁ ସ୍ଥାନ କାଳ ଓ ପାତ୍ରରେ ଚରିତ୍ରମାନଙ୍କ ଅବଚେତନାର ସ୍ୱର ସବୁ ମୋ ଭିତରେ ଝଙ୍କୁରିତ ହୋଇଉଠୁଥିଲା। ସେ ସବୁକୁ ପରିପ୍ରକାଶ କରିବାରେ ମୋତେ ମାନସିକ ଶାନ୍ତି ମିଳୁଥିଲା। ବିଭିନ୍ନ ସମୟରେ ଲେଖିଥିବା ଗଳ୍ପ ଓ କବିତାଗୁଡ଼ିକ ଆକାଶବାଣୀର କେତେକ କାର୍ଯ୍ୟକ୍ରମରେ କବିତା ପାଠ କରିବା ସହିତ ଓଡ଼ିଶାର ବିଭିନ୍ନ ପତ୍ରପତ୍ରିକାରେ ଗଳ୍ପ ଓ କବିତା ଧାରାବାହିକ ଭାବେ ପ୍ରକାଶିତ ହେଉଥିଲା। କବିତା ସଂକଳନ 'ପୁନଶ୍ଚ ପ୍ରତୀକ୍ଷା', ପ୍ରଥମେ ବାଲୁଗାଁରୁ ପ୍ରକାଶିତ ହୋଇଥିଲା। ଗଳ୍ପ ସଂକଳନ- ସ୍ୱପ୍ନ ସାଉଁଟୁଥିବା ମଣିଷ- ୨୦୦୧, ନଜଣା ନଈର ନକ୍ସା କବିତା ଓ ଗଳ୍ପ ଭୋରର ଭୈରବୀ, ଅର୍ଦ୍ଧଶତକ କାଦମ୍ବରୀ ଆଦି ରଚନା କରିଥିଲି। ବହୁବର୍ଷ ଧରି ଲେଖିବା ଭିତରେ ବି ଲେଖିବାର ଝୁଙ୍କ୍ କମି ନ ଥିଲା, ଉପନ୍ୟାସଟିଏ ଲେଖିବାକୁ ଚାହିଁଥିଲି। ୨୦୦୬ରେ 'ଅଥ ଅବିନାଶ ଉବାଚ' ଉପନ୍ୟାସଟି ପ୍ରକାଶିତ ହେଲା। ଯେଉଁଥିରେ ମୋତେ ଖୁବ୍ ଆତ୍ମତୃପ୍ତି ମିଳିପାରିଛି।'



ତାଙ୍କର ସୃଜନଶୀଳତା ପାଇଁ ତାଙ୍କୁ ବିଭିନ୍ନ ଅନୁଷ୍ଠାନ ତରଫରୁ ବିଭିନ୍ନ ସମ୍ମାନରେ ସମ୍ମାନିତ କରାଯାଇଛି। ତନ୍ମଧ୍ୟରେ ରହିଛି – ମିଳନୀ ସାହିତ୍ୟ ସଂସଦ କେନ୍ଦୁଝର- ୧୯୯୮, ଶହୀଦ କୃତୀବାସ ସ୍ମୃତି କମିଟି ବାଣପୁର- ୨୦୦୮, ଓଡ଼ିଆ ସାହିତ୍ୟ ସଂସଦ ନାଚୁଣୀ ମହାବିଦ୍ୟାଳୟ, କବି ଲକ୍ଷ୍ମୀଧର ଭୋଳ ସମ୍ମାନ, ଚିଲିକା ସାହିତ୍ୟ ସମାଜ ବାଲୁଗାଁ, ଶ୍ରୀ ଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟ ପୁରୀ ଆଦି। ଶାଳିଆ ସାହିତ୍ୟ ସଂସଦ, ଦେବଯାନୀ ସ୍ମରକୀ ପାଠାଗାର ବାଣପୁରର ଉପଦେଷ୍ଟା ମଧ୍ୟ ରହିଛନ୍ତି।

ସେ କୁହନ୍ତି, 'ଦୀର୍ଘ ଚାରି ଦଶନ୍ଧି ଧରି ମୋର ଏହି ସୃଜନଶୀଳତାର ଯାତ୍ରାରେ ମତେ ବହୁ ପାଠକୀୟ ସ୍ୱୀକୃତି ମିଳିଛି। ତା'ସହିତ ମିଳିଛି ଖୁବ ଆତ୍ମସନ୍ତୋଷ।

–ବନବିହାରୀ ବେହେରା



# ଘଟଣା ଘଟିବା ପରେ

–ରଶ୍ମି ମହାପାତ୍ର

ଝରକା ଆଉ ଗୁଣୁଗୁଣଉନି
ରଫି କି ଲତାଙ୍କ ମଧୁର ସଂଗୀତ,
ନିଶ୍ୱାସରୁ ଛୁଟୁଛି କେବଳ ତତଲା ଧୂଆଁ,
ଗଳାରୁ ଗୁଳିର ଶବ୍ଦ,
ବାଦାମ ଗଛମାନେ ଧୀରେ ଧୀରେ ଜଳୁଛନ୍ତି,
ଫୁଲ ଫୁଟାଉନି ସକାଳ,
ଆକାଶ ଭୁଲିଯାଇଛି
ଆଲୋକକୁ ଧରିବ କିପରି,
ରାସ୍ତା କୁକୁରମାନେ ଭୁକୁନାହାନ୍ତି,
ନୀରବତା ପାଇଁ କୌଣସି ନାମ ଖାପ ଖାଉନାହିଁ,
ଶାଲଟି ଖସି ପଡିଛି  କାହା କାନ୍ଧରୁ
ନିଖୁଣ ସିଲେଇ ହୋଇଛି ପ୍ରାର୍ଥନାଟିଏ,
ଅସମ୍ଭାଳ ପବନରେ ଉଠୁଛି ପଡୁଛି,
ବୃଦ୍ଧ ବ୍ୟକ୍ତି ଜଣକ ଚପାକଷ  ଧରିଛନ୍ତି
ତାଙ୍କ ବନ୍ଦ ପଡ଼ିଥିବା ପକେଟ ଘଣ୍ଟାଟି,
ବିଦାୟ  ଜଣାଉଛି  ତାଙ୍କ ବଞ୍ଚିଯାଇଥିବା ଝିଅ,
ସବୁଠି ଜୋତା, ଜୋତା,
ଏବଂ କେହି ଦୌଡୁ ନାହାନ୍ତି
କେବଳ ସବୁଦିଗରୁ ଧାଉଁଛି ସାଇରନ୍,
ଇତସ୍ତତ ଟିଫିନ ଡବା,
ଠାଆ  ଠାଆ କାଉଙ୍କ ମେଳଣ,
ଘରଚଟିଆଟିଏ  ବାରୁଦରେ କଳା
କାନ୍ଥ ଉପରେ ବସିଛି, ଧଳା ପାରାଟି ଭଙ୍ଗା ଥଣ୍ଟରେ
ପାଉଁଶ ଗଦାରୁ ଅଣ୍ଡାଳୁଛି ବସା ଓ ପାରିଥିବା ଅଣ୍ଡା,
ସନ୍ଧ୍ୟାର ମଥା ନୁଆଇଁ ଗଣୁଛି
କେଉଁ ସଂଖ୍ୟାଟି ଠିକ୍ ତା'ର ନା ସେମାନଙ୍କର ?
ମସଜିଦରୁ ଗତକାଲିର ଅଜାନ୍ ପ୍ରତିଧ୍ୱନିତ ହେଉଛି
ଏକ ଶୂନଶାନ ଛକ ଉପରେ ।
–ମୁମ୍ବାଇ, ମୋ:୯୩୨୪୯୬୮୭୮୯

# ଯୁଦ୍ଧ ବିରତି

–ଦୀପ୍ତିମୟୀ ଶତପଥୀ

ରଙ୍ଗୀ ତା ବୋହୂକୁ ପଚାରିଲା,
ଆତଙ୍କବାଦୀ କିଏ, କୋଉଠୁ ଆସି
ଲୋକଙ୍କୁ ମାରୁଛନ୍ତି ? ରଙ୍ଗୀ ପାଠ  ପଢିନି । ରଙ୍ଗୀ ବୋହୂ ନାରଙ୍ଗୀ
ଅଙ୍ଗନବାଡି ପିଲାଙ୍କୁ ପଢାଏ, ଘରେ ରିଲ୍ ବନାଏ । ଶାଶୁ ବୁଝିଲା
ପରି ବୁଝେଇଲା, ''ତମେ ଜାଗା ମେଲା ପକେଇଥିଲ, ପଡିଶା ଘର ତମ
ଅବହେଳାରୁ ଦି ହାତ ମାଡ଼ିବସିଲା । ନିଜ ଡିହରେ ମିଶେଇ କଣ୍ଟା ବୁଜିଦେଲା ।
କେଶ୍ ଫଇସଲା ନ ହେବାଯାଏ ସେ କହିବ ଜାଗା ତା'ର । ଆମେ କୋର୍ଟ ଦଉଡି
ଦଉଡି ହୀନସ୍ତା ହେବା । ଯିଏ ଆମ ସପକ୍ଷରେ ବାହାରିବ ସେ ତାର ଶତ୍ରୁ ।
ଯିଏ ତା' ପାଇଁ ବାହାରିବ, ଆମ ବିରୋଧୀ । ଶତ୍ରୁର ଶତ୍ରୁ ମିତ୍ର, ମିତ୍ରର
ଶତ୍ରୁ ଶତ୍ରୁ..... ସେଇ ଭିତରେ ଆତଙ୍କୀର ଜନ୍ମ, ଉପଦ୍ରବ ।
ରଙ୍ଗୀ ବୁଝିଲାପରି ମୁଣ୍ଡ ଟୁଙ୍ଗାରିଲା । ପୁଅ ରଙ୍ଗାଧର ଘରକୁ ପଶିଲାବେଳେ
ଶତ୍ରୁ –ମିତ୍ର ପରି ଶବ୍ଦମାନ ଶୁଣିଲା ।
ତାକୁ ଭୋକ ଲାଗୁଥିଲା । ରାଗିଯାଇ
ନାରଙ୍ଗୀକୁ କହିଲା, ''ରିଲ୍ କରିକରି
ବହୁତ ଜ୍ଞାନ ହେଇଗଲାଣି । ଅଙ୍ଗନବାଡ଼ି
ଛତୁଆ ଅଣ୍ଡା ହାତେଇ ନେତ୍ରୀ ହବାକୁ
ସ୍ୱପ୍ନ ଜୁଟେଇଲୁଣି ।'' ନାରଙ୍ଗୀ ଆହୁରି ଉଚ୍ଚସ୍ୱରରେ କହିଲା,
'' ତମେ କୋଉ ପାରିବାର ଲୋକ ?   ଗାଁ ଛକରେ କୋଉ ସରକାର ଭଲ,
କୋଉଟା ଖରାପ... ଆଲୋଚନାରେ
ଧୁରନ୍ଧର । ପଡିଶା ଲୋକ ଡିହ ମାଡ଼ିବସିଛି, ଜାଣିପାରୁନ... '' ।
ଏତିକିବେଳେ ଦୁଇଜଣ ଦମ୍ପତ୍ତି  ଘର ବାହାରେ ଗାଡି ରଖିଲେ ।
ହାତରେ ଝିଅ ବାହାଘର ନିମନ୍ତ୍ରଣପତ୍ର ।
ରଙ୍ଗାଧର ଓ ନାରଙ୍ଗୀ ହସହସ ମୁହଁରେ
ଦୁହିଁଙ୍କୁ ସ୍ୱାଗତ କଲେ । ନାରଙ୍ଗୀ ଟା' ଜଳଖିଆ ପ୍ରସ୍ତୁତିରେ ଲାଗିଲେ ।
ରଙ୍ଗାଧର ଅତିଥିଙ୍କୁ ସମୟ ଦେଲେ ।
ଟିଭି ସମ୍ବାଦରୁ ଶୁଭୁଥିଲା ଯୁଦ୍ଧ ବିରତି ଘୋଷଣା ।
–ବ୍ରହ୍ମପୁର , ମୋ:୯୦୭୮୬୮୫୨୪୭

# ଅଧାରାତିର ଉଡ଼ାଜାହାଜ

– ତପନ କୁମାର ପଣ୍ଡା

କାଲି ଅଧାରାତିରେ ଜହ୍ନକୁ ଚିରି
ଉଡ଼ିଗଲା ଗୋଟେ ଉଡ଼ାଜାହାଜ !
ତା' ଛାଇ ପଡ଼ିଲା କେଉଁଠି ?
ନିଦରେ, ପାଣିରେ ନା ଜହ୍ନ ଛାତିରେ..

ମେଞ୍ଚା ମେଞ୍ଚା ବଉଦ ମଝିରେ ଜହ୍ନ !
ଜହ୍ନ ଯଦି ଝିଅଟେ ହେଇଥାନ୍ତା
ମୁଁ କ'ଣ ପଡ଼ିଥାନ୍ତି ତା' ପ୍ରେମରେ ?
ଜହ୍ନ ଯଦି ମରଣ, ତେବେ କ'ଣ
ମୁଁ ମରିଯା'ନ୍ତି ତା' ସମ୍ମୋହନରେ ?

ଧରିନିଅ ତମେ ଜହ୍ନ ଆଉ ମୁଁ
ତୁମକୁ ଧରିରଖିଥିବା ତାରାଭର୍ତ୍ତି ଆକାଶ,
ଏ ତାରାସବୁ ମୁଁ ମରିସାରିଥିବା ଜନ୍ମର ନକ୍ସା
ଆଉ ଯାହାସବୁ ଅଛି ଆକାଶରେ ସବୁ ଭ୍ରମ,
ତାରାଟିଏ ମରିବାର ବହୁବର୍ଷ ପରେ
ତା' ଦିକ୍‌ଦିକ୍ ଆଲୁଅରେ ତୁମେ ଆସିଥାଆନ୍ତ
ସେଇ ଉଡ଼ାଜାହାଜରେ !

ଘଞ୍ଚ ଆମ୍ବଗଛ ଓ କରଞ୍ଜଗଛର ପତ୍ରରୁ
ପବନରେ ଆସୁଥାନ୍ତା ଆଶ୍ଚର୍ଯ୍ୟ ସଙ୍ଗୀତ,
ଘାସ ଶେଯରେ ଶୋଇଥାନ୍ତେ ବରଫଗୁଣ୍ଡ ସବୁ ;
ଆଉ ଈଶ୍ୱର ଆମ ପାଇଁ ଗଢ଼ିଦିଅନ୍ତେ
ଛୋଟ ଏକ ପାହାଡ଼, ଗୋଟେ ବଙ୍କା ରାସ୍ତା,
ଖରାଦିନିଆ ପବନରେ ମୁଁ ମୁଦି ଦିଅନ୍ତି ଆଖି,
ଠିକ୍ ସେତିକିବେଳେ ସେ ଉଡ଼ାଜାହାଜ
ତୁମକୁ ନେଇ ଉଡ଼ିଯାଆନ୍ତା ଜହ୍ନକୁ,
ଆଉ ମୋର ହୁଅନ୍ତା ସୁଖଦ ମରଣ ?
କାଲି ରାତିର ଉଡ଼ାଜାହାଜ
ତୁମକୁ ନନେଇ ଆସିଥିଲା କି ?

–ଭୁବନେଶ୍ୱର
ମୋ: ୭୦୮୨୪୬୪୮୦୦



# ଲ୍ୟାଣ୍ଡଫଲ୍

'ପାଗଳପ୍ରେମୀ'ରୁ କ୍ୟାରିୟର ଆରମ୍ଭ କରିଥିବା ସବ୍ୟସାଚୀଙ୍କୁ ଦର୍ଶକ ଖୁବ୍ ଶୀଘ୍ର ଏକ ଭିନ୍ନ ଅବତାରରେ ବଡ ପରଦା ଉପରେ ଦେଖିବାକୁ ପାଇବେ। କେବଳ ସେତିକି ନୁହେଁ, ଏହି ନୂଆ ସିନେମାର କାହାଣୀକୁ ନେଇ ଏବେଠାରୁ ଚର୍ଚ୍ଚା ଆରମ୍ଭ ହୋଇଗଲାଣି। ହଁ, ଏଭଳି ଏକ ଭିନ୍ନ ଧରଣର ଓଡ଼ିଆ ସିନେମାଟିର ଟାଇଟଲ ହେଲା 'ଲ୍ୟାଣ୍ଡଫଲ୍'। ଏହା ଉଭୟ ଓଡ଼ିଆ ଓ ହିନ୍ଦୀ ଭାଷାରେ ନିର୍ମିତ ହେବ।

ଦର୍ଶକାଦୃତ ତଥା ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପ୍ରାପ୍ତ 'ଦମନ'ର ନିର୍ଦ୍ଦେଶକ ଯୋଡି ଦେବୀ ପ୍ରସାଦ ଲେଙ୍କା ଓ ବିଶାଲ ମୌର୍ଯ୍ୟ ପୁଣି ଏହି ଚଳଚ୍ଚିତ୍ର ନିର୍ମାଣ କରୁଛନ୍ତି। ପିକ୍ସେଲ ମୁଭିଜ ବ୍ୟାନରରେ ଏହାର ପ୍ରଯୋଜନା କରୁଛନ୍ତି ପ୍ରଭାତ କୁମାର ପ୍ରଧାନ। ଏଥିରେ ସଂଯୋଜିତ ଗୀତଗୁଡିକୁ ସ୍ୱରରେ ସଜାଉଛନ୍ତି ଆଗଧାଡିର ସଙ୍ଗୀତ ନିର୍ଦ୍ଦେଶକ ଗୌରବ ଆନନ୍ଦ। ଚିତ୍ରଟିର ସିନେମାଟୋଗ୍ରାଫି ଦାୟିତ୍ୱ ତୁଲାଇବେ ପ୍ରତାପ ।

ଏଥିରେ ସବ୍ୟସାଚୀଙ୍କ ନାୟିକା ସାଜୁଛନ୍ତି ଦିବ୍ୟାସ୍ମାତା। ଅନ୍ୟପକ୍ଷରେ ଏଭଳି ଏକ ସିନେମାରେ ଅଭିନୟ ସୁଯୋଗ ପାଇଁ ସବ୍ୟସାଚୀ କହନ୍ତି, ''ମୋତେ ଦର୍ଶକ ଭିନ୍ନ ଭିନ୍ନ ଭୂମିକାରେ ପୂର୍ବରୁ ଦେଖି ସାରିଛନ୍ତି। 'ଲ୍ୟାଣ୍ଡଫଲ୍' ଫିଲ୍ମରେ କ'ଣ ରହିଛି ତାହା ସେମାନେ ପ୍ରେକ୍ଷାଳୟରେ ଦେଖିଲେ ହିଁ ଜାଣିପାରିବେ।'' ଏହି ଫିଲ୍ମର ନିର୍ଦ୍ଦେଶନା ଯୋଡି ପ୍ରାୟ ତିନି ବର୍ଷ ଧରି ଚିତ୍ରଟିର କାହାଣୀ ପ୍ରସ୍ତୁତରେ ଲାଗିଥିଲେ ବୋଲି ସୂଚନା ଦେଇଛନ୍ତି। ୧୯୯୯ ମହାବାତ୍ୟାକୁ ଆଧାର କରି କାହାଣୀ ଗତି କରିଛି। ଚଳଚ୍ଚିତ୍ରଟି ଶୀଘ୍ର ଫ୍ଲୋରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ସୂତ୍ରରୁ ସୂଚନା ଦିଆଯାଇଛି।


ସବ୍ୟସାଚୀ


ଅନୁଷ୍କା


ଆଲିୟା

## ମାଧୁରୀ ଶିଖାଇଥିଲେ କଥକ

ଆଲିୟା ଭଟ୍ଟ କେବଳ ଅଭିନେତ୍ରୀ ନୁହନ୍ତି, ସେ ଜଣେ କଥକ ନୃତ୍ୟାଙ୍ଗନା ମଧ୍ୟ। ଏହି ନୃତ୍ୟ କରିବା ସମୟର ଏକ ସ୍ମରଣୀୟ ଘଟଣାକୁ ଏବେ ବି ସେ ମନେ ପକାଇଥାଆନ୍ତି। 'କଳଙ୍କ' ଫିଲ୍ମରେ ମାଧୁରୀ ଦୀକ୍ଷିତଙ୍କୁ ନେଇ ଏକ କଥକ ନୃତ୍ୟ ଦୃଶ୍ୟାୟିତ ହୋଇଥିଲା। ଏଥିରେ ଆଲିୟା ତାଙ୍କର କୋ-ଡ୍ୟାନ୍ସର ଭାବରେ ନାଚିଥିଲେ। ଏ ବିଷୟରେ ଆଲିୟା କହନ୍ତି, ''ଯେତେବେଳେ ମୋତେ ମାଧୁରୀଙ୍କ ସହ ଏକ କଥକ ଡୁଏଟ୍‌ରେ ନାଚିବାକୁ କୁହାଗଲା ସେତେବେଳେ ପ୍ରଥମେ ମୁଁ ତାକୁ ବିଶ୍ୱାସ କରିପାରି ନ ଥିଲି। କାରଣ ମାଧୁରୀ କେବଳ କଥକ ନୁହେଁ, ଆହୁରି କେତେକ ପାରମ୍ପରିକ ନୃତ୍ୟରେ ବେଶ୍ ପାରଙ୍ଗମ। ତେଣୁ ତାଙ୍କ ସହ କିଭଳି ତାଳ ମିଳାଇ ନୃତ୍ୟ କରିବି ଟେନ୍‌ସନ୍‌ରେ ପଡ଼ିଯାଇଥିଲି। ହେଲେ ଡ୍ୟାନ୍ସ ପ୍ରାକ୍ଟିସ ସମୟରେ ମାଧୁରୀ ମ୍ୟାମ୍ ମତେ କଥକ ବିଷୟରେ ଅନେକ କିଛି ବହୁତ ସୁନ୍ଦରଭାବେ ବୁଝାଇଥିଲେ। ଆଉ ମୋର ପରଫରମାନ୍ସ ବହୁତ ଭଲ ହେଇଥିଲା।' ତେବେ ଅବସର ମିଳିଲେ ଆଲିୟା ବହି ପଢ଼ିବା ଏବଂ ବିଭିନ୍ନ ଚର୍ଚ୍ଚିତ ଘଟଣାକୁ ନେଇ ପ୍ରକାଶ ପାଇଥିବା ସମ୍ବାଦ ସଂଗ୍ରହ କରି ରଖିବାକୁ ଭଲ ପାଆନ୍ତି। ଆଲିୟାଙ୍କ ବଡ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା ଜଣେ ଶିଶୁ କଳାକାର ଭାବରେ। ମହେଶ ଭଟ୍ଟଙ୍କ 'ସଂଘର୍ଷ' (୧୯୯୯) ଫିଲ୍ମରେ ସେ ପ୍ରୀତି ଜିଣ୍ଟାଙ୍କ ପିଲାଦିନ ଭୂମିକାରେ ଅଭିନୟ କରିଥିଲେ। ୨୦୧୨ରେ କରନ୍ ଜୋହରଙ୍କ 'ଷ୍ଟୁଡେଣ୍ଟ ଅଫ ଦ ଇୟର'ରେ ତାଙ୍କୁ ନାୟିକା ସାଜିବାର ସୁଯୋଗ ମିଳିଥିଲା। ଏବେ ସେ ନିର୍ମାଣଧୀନ 'ଆଲଫା' ଏବଂ 'ଲଭ୍ ଆଣ୍ଡ ୱାର' ଶୀର୍ଷକ ଦୁଇଟି ସିନେମାରେ ଅଭିନୟ କରୁଛନ୍ତି।

## ସ୍ୱିଟିରୁ ଅନୁଷ୍କା

ତାମିଲ ଓ ତେଲୁଗୁ ଇଣ୍ଡଷ୍ଟ୍ରିରେ ଅନୁଷ୍କା ସେଟ୍ଟି ଜଣେ ବେଶ୍ ପରିଚିତା ଅଭିନେତ୍ରୀ। ବିଶେଷ ଭାବରେ 'ବାହୁବଳୀ' ତାଙ୍କ କ୍ୟାରିୟରକୁ ଅଧିକ ମାଇଲେଜ ଦେଇଥିଲା। ହେଲେ ଆପଣ ଜାଣନ୍ତି କି, ଅନୁଷ୍କାଙ୍କର ପ୍ରକୃତ ନାମ କ'ଣ ଥିଲା? ବଡ ପରଦାରେ ଏଣ୍ଟ୍ରି କରିବା ପୂର୍ବରୁ ତାଙ୍କର ନାମ ଥିଲା 'ସ୍ୱିଟି'। ଯେତେବେଳେ ସେ ବିଶିଷ୍ଟ ନିର୍ଦ୍ଦେଶକ ପୁରୀ ଜଗନ୍ନାଥଙ୍କ 'ସୁପର' ଫିଲ୍ମ ସାଇନ୍ କଲେ ସେତେବେଳେ ହିଁ ତାଙ୍କ ନାମ ପରିବର୍ତ୍ତନ ହୋଇଥିଲା। ସ୍ୱିଟିଙ୍କ ସ୍କ୍ରିନ୍ ନେମ୍ କ'ଣ ରହିଲେ ଭଲ ହେବ ସେ ନେଇ ନିର୍ଦ୍ଦେଶକ ଚିନ୍ତା କରିଥିଲେ। ଶେଷରେ ସ୍ୱିଟିଙ୍କ ନାମକୁ 'ଅନୁଷ୍କା' ରଖିବାକୁ କହିଥିଲେ ଏବଂ ତାହାକୁ ସମସ୍ତେ ପସନ୍ଦ ମଧ୍ୟ କରିଥିଲେ। ଅନୁଷ୍କା ବାଙ୍ଗାଲୁରୁସ୍ଥିତ ମାଉଣ୍ଟ କର୍ମେଲ କଲେଜରେ ପଢୁଥିଲେ। ସେତେବେଳେ ତାଙ୍କର ସହପାଠୀ କିଏ ଥିଲେ ଜାଣନ୍ତି ? ଅନୁଷ୍କା ଶର୍ମା ଏବଂ ଦୀପିକା ପାଦୁକୋନ୍। ଅନୁଷ୍କା କର୍ଣ୍ଣାଟକର ମାଙ୍ଗାଲୁରୁ ସହରରେ ଜନ୍ମ ହୋଇଥିଲେ ଏବଂ ତାଙ୍କର ମାତୃଭାଷା ହେଲା ତୁଲୁ। ତାଙ୍କର ଏକ ଅଦ୍ଭୁତ ଅଭ୍ୟାସ ଅଛି। ଯଦି ସେ ଥରେ ହସିଲେ କିମ୍ବା କାନ୍ଦିଲେ ତାହା ସହଜରେ ନିୟନ୍ତ୍ରଣକୁ ଆସି ନ ଥାଏ। ସେ ଜଣେ ଯୋଗ ପ୍ରଶିକ୍ଷିକା ମଧ୍ୟ। ଭାରତ ଠାକୁରଙ୍କ ଅଧିନରେ ସେ ଯୋଗ ଶିକ୍ଷା କରିଥିଲେ।

## ଫଟୋଗ୍ରାଫରଙ୍କ କଥା ମାନି ନ ଥିଲେ..

ଅକ୍ଷୟ କୁମାର ବଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ଅଭିନେତା। ନିଜର ନିଖୁଣ ଅଭିନୟ ଏବଂ ନିଜର ସନ୍ତୁଳିତ ଲାଇଫ ଷ୍ଟାଇଲ ପାଇଁ ସେ ସବୁବେଳେ ଚର୍ଚ୍ଚାରେ ରହିଥାଆନ୍ତି। କିନ୍ତୁ ଅଭିନୟ ଦୁନିଆରେ ପାଦ ଦେବା ପୂର୍ବରୁ ତାଙ୍କୁ ବେଶ୍ କଷ୍ଟ କରିବାକୁ ପଡିଥିଲା। ମାର୍ଶଲ ଆର୍ଟ ଶିଖିବା ପରେ ସେ ଏ ନେଇ ପ୍ରଶିକ୍ଷଣ ଦେବା ଆରମ୍ଭ କରିଥିଲେ। ଏହି ସମୟରେ ଜଣେ ଫଟୋଗ୍ରଫର ତାଙ୍କୁ କହିଥିଲେ, ''ତୁମର ତ ଭଲ ଫିଜିକାଲ ଫିଟ୍‌ନେସ୍ ଅଛି। ତୁମେ କାହିଁକି ମଡେଲିଂରେ ଏଣ୍ଟ୍ରି କରୁନ ?'' ଆଉ ତା'ପରେ ଅକ୍ଷୟ ଏ ନେଇ ଥଣ୍ଡା ମନରେ ଚିନ୍ତା କରି ମଡେଲିଂ ଆରମ୍ଭ କରିଥିଲେ। ଫିଲ୍ମଟିଏ ପାଇବାକୁ ତାଙ୍କୁ ଅନେକ ପ୍ରଯୋଜକଙ୍କ ଅଫିସ ବୁଲିବାକୁ ପଡିଥିଲା। ୧୯୮୭ରେ ମହେଶ ଭଟ୍ଟଙ୍କ 'ଆଜ୍'ରେ ସେ ଜଣେ କରାଟେ ଇନଷ୍ଟ୍ରକଟର ଭାବରେ ଅଭିନୟ କରିଥିଲେ। ୧୯୯୧ରେ 'ସୌଗନ୍ଧ' ଫିଲ୍ମ ସୁପରହିଟ୍ ସାବ୍ୟସ୍ତ ହେଲା ଆଉ ତା'ପରେ ଅକ୍ଷୟଙ୍କ ଅଭିନୟର ଗାଡି ନନଷ୍ଟପ୍ ଆଗକୁ ମାଡି ଚାଲିଥିଲା।


ଅକ୍ଷୟ କୁମାର


ପ୍ରୀତି

## ଯାହା ଭାବୁଥିଲେ ପ୍ରୀତି...

ବେଳେବେଳେ ମଣିଷ ଯାହା ଭାବୁଥାଏ ତାହା ସତରେ ପରିଣତ ହୋଇଥାଏ। ବଲିଉଡ୍‌ରେ ପ୍ରୀତି ଜିଣ୍ଟାଙ୍କର ଏଣ୍ଟ୍ରି ହୋଇଥିଲା ଜଣେ ସପୋର୍ଟିଙ୍ଗ ଆକ୍ଟ୍ରେସ ଭାବରେ। ଆଉ ଫିଲ୍ମଟି ଥିଲା 'ଦିଲ୍ ସେ'। ଅବଶ୍ୟ ଏହି ଫିଲ୍ମ ହିଟ୍ ହେବା ସହ ଏହାର ସମସ୍ତ କ୍ରେଡିଟ ଶାହରୁଖ ଖାଁଙ୍କ ଯାଇଥିଲା, ହେଲେ ପ୍ରୀତିଙ୍କ ସାଇନ୍ କରାଇବାକୁ କେତେକ ପ୍ରଯୋଜକ ଆଗ୍ରହ ପ୍ରକାଶ କରିଥିଲେ। ଆବାସ-ମସ୍ତାନଙ୍କ 'ସୋଲଜର' (୧୯୯୮)ରେ ତାଙ୍କୁ ନାୟିକା ଭାବରେ ବ୍ରେକ୍ ମିଳିଥିଲା। ଏଥିରେ ତାଙ୍କ ଅପୋଜିଟ୍‌ରେ ଥିଲେ ବବି ଦେଓଲ। ଅନୁ ମଲ୍ଲିକଙ୍କ ସ୍ୱର ସଂଯୋଜନାରେ ଏହି ଫିଲ୍ମର ସମସ୍ତ ଗୀତ ବେଶ୍ ଶ୍ରୋତାଦୃତ ହୋଇଥିଲା। କେବଳ ସେତିକି ନୁହେଁ, ଚିତ୍ରଟି ମଧ୍ୟ ବକ୍ସ ଅଫିସରେ ଭଲ ବିଜନେସ୍ କରିଥିଲା। ତା' ସହ ଏହି ଫିଲ୍ମରୁ ହିଁ ପ୍ରୀତି ନିଜକୁ ନାୟିକା ଦୌଡରେ ସାମିଲ କରିବାରେ ସକ୍ଷମ ହୋଇଥିଲେ। କେବଳ ସେତିକି ନୁହେଁ, ଉକ୍ତ ସିନେମା ପାଇଁ ତାଙ୍କୁ ଶ୍ରେଷ୍ଠ ନବାଗତା ଅଭିନେତ୍ରୀ ଭାବରେ ଫିଲ୍ମ ଫେୟାର ପୁରସ୍କାର ମିଳିଥିଲା। ଏ ନେଇ ପ୍ରୀତି କହନ୍ତି, ''ନାୟିକା ଭାବରେ 'ସୋଲଜର' ଫିଲ୍ମଟି ମୋତେ ବେଶ୍ ମାଇଲେଜ ଦେଇଥିଲା। ଏହାର ଶୁଟିଂ ଶେଷ ହେବା ପରେ ମୋର ଦୃଢ଼ ବିଶ୍ୱାସ ଥିଲା ଯେ ଏହି ଫିଲ୍ମଟି ନିଶ୍ଚୟ ହିଟ୍ ହେବ। ତାହା ଶେଷରେ ମଧ୍ୟ ସତରେ ପରିଣତ ହୋଇଥିଲା।'' ଏହାପରେ ସେ 'ସଂଘର୍ଷ' ଫିଲ୍ମରେ ଜଣେ ସିବିଆଇ ଅଫିସର ଭୂମିକାକୁ ବେଶ୍ ନିଖୁଣ ଭାବରେ ତୁଲାଇ ସାଉଁଟି ଥିଲେ ଅନେକ ପ୍ରଶଂସା। ତା'ପରେ 'କ୍ୟା କହେନା', 'ହର ଦିଲ୍ ଜୋ ପ୍ୟାର କରେଗା' ଏବଂ 'ମିଶନ କାଶ୍ମୀର' ମଧ୍ୟ ହିଟ୍ ସାବ୍ୟସ୍ତ ହୋଇଥିଲା।



## କାହାକୁ ଡରନ୍ତି ଜ୍ୟାକଲିନ

ଜ୍ୟାକଲିନ୍ ଫର୍ନାଡିସ ଗୋଟିଏ ଜିନିଷକୁ ଭାରି ଭୟ କରନ୍ତି। ଯଦି ସେ ତାହାକୁ ଦେଖିବାକୁ ପାଇଲେ ତେବେ ତାଙ୍କ ଅବସ୍ଥା ନ କହିବା ଭଲ। ହେଲେ ତାହା କ'ଣ ଜାଣିବେନି? ତାହା ହେଲା ଅନ୍ଧାର। ଏକଦା ଏକ ସିନେମାର ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଶୁଟିଂ ଚାଲିଥାଏ। ଶଟ୍ ଅନୁସାରେ ଅଳ୍ପ ସମୟ ପାଇଁ ଲାଇଟ୍ ଅଫ କରି ଦିଆଗଲା। ଆଉ ସେହି କେଇ ସେକେଣ୍ଡ ଭିତରେ ଜ୍ୟାକଲିନ୍‌ଙ୍କର ଅକଲ ଗୁଡୁମ। ସେ ଶଟ୍ ଦେବେ କ'ଣ ଚିତ୍କାର କରି ଉଠିଲେ। ଏ ସମ୍ପର୍କରେ ଜ୍ୟାକଲିନ୍ କୁହନ୍ତି, 'ସତକଥା ହେଲା ଅନ୍ଧାରକୁ ମୋତେ ଭାରି ଡର ଲାଗେ। ସେଦିନ ଶୁଟିଂ ସେଟ୍‌ରେ ମୋ ଅବସ୍ଥା ଯାହା ହେଲା ତାହା ନ କହିବା ଭଲ। ମାତ୍ର କେଇ ସେକେଣ୍ଡ ପାଇଁ ଶୁଟିଂ ସେଟ୍‌କୁ ଅନ୍ଧାର କରଦିଆଗଲା। ମୁଁ ଭାବିଲି ବୋଧହୁଏ କିଛି ଟେକ୍ନିକାଲ ପ୍ରୋବ୍ଲେମ ହୋଇଛି। ହେଲେ ଲାଇଟ୍ ଖୁବ୍ ଶୀଘ୍ର ଜଳିଉଠିଥିଲା। ମୁଁ ଯେମିତି ଚିତ୍କାର କରି ଉଠିଛି ତାହା ଶୁଣି ୟୁନିଟର ସମସ୍ତ ସଦସ୍ୟ ଆସି ମୋ ପାଖରେ ହାଜର। ଆଉ ମୁଁ ଯେତେବେଳେ ମୋ ଚିତ୍କାର କରିବାର କାରଣ କହିଲି ସମସ୍ତେ ହସି ହସି ଗଡିଗଲେ। ମୁଁ କିଛି ସମୟ ବିଶ୍ରାମ ନେବା ପରେ ପୁଣି ଥରେ ଶଟ୍ ଦେବାକୁ ପ୍ରସ୍ତୁତ ହୋଇଥିଲି।'' ଏବେ ଅକ୍ଷୟ କୁମାର ଏବଂ ଜ୍ୟାକଲିନ୍ ଅଭିନୟ କରିଥିବା 'ହାଉସଫୁଲ ୫' ଚଳିତ ବର୍ଷ ଜୁନ୍ ୬ରେ ରିଲିଜ ହେବାକୁ ଯାଉଛି। ଏହାର ପ୍ରଯୋଜନା କରିଛନ୍ତି ସାଜିଦ ନାଦିୱାଦୱାଲା ଏବଂ ନିର୍ଦ୍ଦେଶନା ଦେଇଛନ୍ତି ତରୁଣ ମନସୁଖାନି।

ପ୍ରଥମ ରୋଜଗାର

# ଦରମା ପାଇବାର ଖୁସି ସମସ୍ତଙ୍କ ସହ ବାଣ୍ଟିଥିଲି



ସାହିତ୍ୟିକ ତଥା ଅବସରପ୍ରାପ୍ତ ଅଧ୍ୟାପକ **ଭାବଗ୍ରାହୀ ବଳ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

**ମୋ**ର ଜନ୍ମ ୧୯୫୫ ମସିହା କେନ୍ଦୁଝର ଜିଲା ଆନନ୍ଦପୁର ସବ୍‌ଡିଭିଜନର ପୁରୁଣିଆଁ ଗ୍ରାମରେ। ସେତେବେଳେ ଆମ ଗାଁରେ ହାଇସ୍କୁଲ ନ ଥିଲା ତେଣୁ ୨/୩ କି.ମି ଦୂର ବେଲବାହାଳୀରେ ଥିବା ସ୍କୁଲକୁ ଚାଲି ଚାଲି ପଢ଼ିବାକୁ ଯାଉଥିଲି। ଆମର ମଧ୍ୟବିତ୍ତ ପରିବାରରେ ଏକମାତ୍ର ରୋଜଗାରକ୍ଷମ ଥିଲେ ସବା ବଡ଼ଭାଇ। ସେ ସମୟରେ ସେ ଗୋଟିଏ ହାଇସ୍କୁଲର ପ୍ରଧାନ ଶିକ୍ଷକ ଥିଲେ। ତିନି ଭାଇ, ତିନି ଭଉଣୀ, ବାପା, ମା', ବଡ଼ ବାପା, ବଡ଼ ମା', ଭାଉଜଙ୍କ ସହିତ ଦୁଇ ପୁତୁରା, ତିନି ଝିଆରୀଙ୍କୁ ନେଇ ଆମର ଥିଲା ଯୌଥ ପରିବାର। ତେଣୁ ବଡ଼ ଭାଇଙ୍କୁ ବହୁତ ଆର୍ଥିକ ଚାପ ମଧ୍ୟରେ ରହିବାକୁ ପଡୁଥିଲା। ମାଟ୍ରିକ୍, ଆଇ.ଏ.ରେ ଫାଷ୍ଟ ଡିଭିଜନରେ ପାସ୍ କରିବା ପରେ ବି.ଏ.ରେ ଇଂଲିଶ ଅନର୍ସ ନେଇ ପଢ଼ିଲି। ତା'ପରେ ରେଭେନ୍‌ଶା କଲେଜରୁ ଇଂଲିଶରେ ଏମ୍.ଏ. ପାସ୍ କଲି। ସେତେବେଳେ ଚମ୍ପୁଆର ସି.ଏସ୍. କଲେଜ ନୂଆକରି ଖୋଲିଥାଏ ଆଉ ଏହା ମ୍ୟାନେଜମେଣ୍ଟ ଜରିଆରେ ଚାଲିଥାଏ। ଏମ୍.ଏ. ରେଜଲ୍ଟ ବାହାରୁ ବାହାରୁ ସେମାନେ ମୋତେ ଡକାଇ ଅଧ୍ୟାପକ ଚାକିରି ଦେଲେ। ସେ ସମୟରେ କଲେଜର ଆର୍ଥିକ ଅବସ୍ଥା ଅତ୍ୟନ୍ତ ଦୟନୀୟ ଥାଏ। ତେଣୁ ସେମାନେ କିଛି ମାସ ପାଇଁ ଆମର ଖାଇବା ଓ ରହିବା ପାଇଁ ମାତ୍ର ୩ଶହ ଟଙ୍କାର ବ୍ୟବସ୍ଥା କରିଥିଲେ। ଇତି ମଧ୍ୟରେ ମୁଁ ଆଡ୍‌ହକ୍ ପୋଷ୍ଟିଂ ପାଇ ଖଲ୍ଲିକୋଟ କଲେଜ ବ୍ରହ୍ମପୁର ଚାଲିଗଲି। ସେତେବେଳେ ମୋର ମାସକୁ ଦରମା ଥିଲା ୭୨୫ ଟଙ୍କା। କିନ୍ତୁ କୌଣସି କାରଣ ବଶତଃ ମୋତେ ୫ମାସ ଯାଏ ଦରମା ମିଳି ନ ଥିଲା। ସେ ପରିସ୍ଥିତିରେ ଡାକ୍ତର ଭାଇ (ମଝିଆଁ ଭାଇ) ମୋ ଚଳିବା ପାଇଁ ମାସକୁ ମାସ ଟଙ୍କା ପଠାଉଥିଲେ। ତା'ପରେ ଏକାଥରେ ସବୁ ଟଙ୍କା ମିଳିଗଲା। ମୁଁ ବହୁତ ଖୁସି ହୋଇଗଲି, ଏଇଥିପାଇଁ ଯେ ଭାଇଙ୍କ ଉପରେ ଆଉ ବୋଝ ହେବାକୁ ପଡ଼ିବ ନାହିଁ। ତା'ସହିତ ସ୍ୱଉପାର୍ଜିତ ଅର୍ଥକୁ ନୂଆକରି ହାତରେ ଧରିବାର ଏକ ଅଲଗା ଆନନ୍ଦ ବି ଥିଲା। ପ୍ରଥମେ ଚିନ୍ତା କଲି ସବା ବଡ଼ ଭାଇଙ୍କ ହାତରେ ସବୁ ଟଙ୍କା ଧରାଇ ଦେବି। ସେତେବେଳକୁ ସେ କଟକ ସେକେଣ୍ଡାରୀ ବୋର୍ଡ ଅଫିସରେ ଆସିଷ୍ଟାଣ୍ଟ ସେକ୍ରେଟାରୀ ଭାବରେ ଯୋଗଦେଇଥାନ୍ତି। ପୁଣି ମନକୁ ଆସିଲା ସାନ ସାନ ପୁତୁରା, ଝିଆରୀ ମୋତେ ଚାହିଁ ବସିଥିବେ। ଶେଷରେ ଭାଇଙ୍କ ପାଇଁ ଭଲ ପ୍ୟାଣ୍ଟଶାର୍ଟ କପଡ଼ା, ଭାଉଜଙ୍କ ପାଇଁ ଭଲ ସମ୍ବଲପୁରୀ ଶାଢ଼ି, ପୁତୁରା ଝିଆରୀଙ୍କ ପାଇଁ ଡ୍ରେସ୍ ଓ ମିଠା କିଣିଲି। ମା' କରିଥିବା ମାନସିକ ପୂରଣ ପାଇଁ କିଛି ଟଙ୍କା ତାଙ୍କ ହାତରେ ବି ଦେଲି। ତା'ପରେ ଆଉ ଯେଉଁ ଅବଶିଷ୍ଟ ପ୍ରାୟ ୧୪ ଶହ ଟଙ୍କା ବଳିଲା ଭାଇଙ୍କ ହାତରେ ଧରାଇଦେଲି। ସମସ୍ତେ ବହୁତ ଖୁସି ହେଲେ। ସବୁକଥା ଶୁଣି ଡାକ୍ତର ଭାଇ ମଜା କରି କହିଲେ, 'ଆରେ, ମୋ ଭାଗ ବୁଡ଼ାଇ ଦେଲୁ ?' ସେତେବେଳେ ସେ ମଧ୍ୟପ୍ରଦେଶରେ ଚାକିରି କରୁଥାନ୍ତି। ତେବେ ଏଠାରେ ଗୋଟେ କଥା କହି ରଖିବାକୁ ଚାହିଁବି ଯେ, ମୋ ଘର ଲୋକେ ଟଙ୍କା ଅପେକ୍ଷା ମୋତେ ରୋଜଗାରକ୍ଷମ ହୋଇଥିବାର ଦେଖି ବେଶି ଖୁସି ହୋଇଥିଲେ। ଏ ତ ଥିଲା ମୋ ପ୍ରଥମ ରୋଜଗାର ତଥା ଚାକିରି ଜୀବନ କଥା। ଏହାବାଦ୍ ଲେଖାଲେଖିରେ ବି ମୋର ବିଶେଷ ରୁଚି ରହିଆସିଛି। ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ପତ୍ରପତ୍ରିକାରେ ମୋର ଗଳ୍ପ, ଭ୍ରମଣ କାହାଣୀ ତଥା ପ୍ରାଚୀନ ସଂସ୍କୃତି ଉପରେ ଲେଖା ପ୍ରକାଶିତ ହେଉଛି। ମୋ ଲିଖିତ କବିତା ପୁସ୍ତକ 'ଜୀବନ ଗୀତ' ଓ ପ୍ରବନ୍ଧ ପୁସ୍ତକ 'ସ୍ମୃତି ସୌରଭ' ପାଠକଙ୍କ ଦ୍ୱାରା ବେଶ୍ ଆଦୃତି ମଧ୍ୟ ଲାଭ କରିପାରିଛି। ଉଲ୍ଲେଖନୀୟ ବିଷୟ ହେଉଛି, ଜନ୍ମରୁ ଏକ ପର୍ଯ୍ୟନ୍ତ ମୋର ଗୁରୁ ମଠମା'ଙ୍କ ଆଶୀର୍ବାଦର ପ୍ରଚ୍ଛନ୍ନ ହାତ ମୋ ଉପରେ ରହି ଆସିଛି। ସେମାନେ ଆଜି କେହି ନାହାନ୍ତି। ହେଲେ କୃତଜ୍ଞତାର ନିଦର୍ଶନ ମୋର ଏହି ଲେଖାଟି ସେମାନଙ୍କ ଉଦ୍ଦେଶ୍ୟରେ ଏକ ସପ୍ରଣିପାତ ଭକ୍ତି ଅର୍ଘ୍ୟ।

# ଟିକିଏ ମିଠାକୁ ଟିକିଏ କଷା, ସହଜେ ଖସେନା ପ୍ରେମର ନିଶା

ସାଥୀ

**ପ୍ରଶ୍ନ**–ପ୍ରେମର ନିଶା କୁଆଡେ ଥରେ ଘାରିଲେ ତାହା ସହଜରେ ଛାଡି ନ ଥାଏ। ଏକଥା ପଛରେ କେତେ ସତ୍ୟତା ରହିଛି କହିବେ କି ସାଥୀ ? *–ସୁକାନ୍ତ କୁମାର ଦାସ, ପୁରୀ*

**ଉତ୍ତର :** ପ୍ରେମ ନିଶା ଯେତେବେଳେ ମୁଣ୍ଡକୁ ଚଢ଼େ ସେତେବେଳେ ମନ ଖାଲି ରଙ୍ଗୀନ ଦୁନିଆରେ ଉଡି ବୁଲୁଥାଏ। ଚାରିଆଡ କେବଳ ପ୍ରେମ ହିଁ ପ୍ରେମ। ଆଖି ଖୋଲିଲେ ପ୍ରେମ, ଆଖି ବୁଜିଲେ ପ୍ରେମ। କାରଣ 'ଟିକିଏ ମିଠାକୁ ଟିକିଏ କଷା, ସହଜେ ଖସେନା ପ୍ରେମର ନିଶା'। ତେଣୁ ଯଦି ପ୍ରେମ କରୁଛନ୍ତି ତେବେ କାହାକୁ ତ ମନା କରିହେବ ନାହିଁ। ହେଲେ ଏହି ସମୟରେ ନିଜ ମନର ବେଗକୁ ନିୟନ୍ତ୍ରଣରେ ରଖନ୍ତୁ। ନ ହେଲେ କେତେବେଳେ ଏହି ବିଶାଳ ଦୁନିଆରେ ଯେ ବାଟବଣା ହୋଇଯିବେ ତାହା କେବେ କଳ୍ପନା କରିପାରିବେ ନାହିଁ।

**ପ୍ରଶ୍ନ**–ପ୍ରଥମ ଇସାରାରେ ଜଣେ ସୁନ୍ଦରୀ ମୋ ମନକୁ ଘାଇଲା କରିଦେଲା। ହେଲେ ଏବେ ସେ ମୋ ଉପରେ ଅଭିମାନ କରିଛି। ତା' ମନରୁ ଅଭିମାନ କିପରି ଦୂର କରିବି ମୋତେ କିଛି ଉପାୟ ବତାନ୍ତୁ ? *–ପ୍ରକାଶ ରାଉତ, କେନ୍ଦ୍ରାପଡା*

**ଉତ୍ତର :** ଅଭିମାନରେ ବେଳେବେଳେ ପ୍ରେମର ଅସଲ ମଜା ଲୁଚି ରହିଥାଏ। କିନ୍ତୁ ସେହି ଅଭିମାନକୁ ଭଲ ଭାବରେ ପଢ଼ିବାକୁ ଚେଷ୍ଟା କରନ୍ତୁ। ପ୍ରିୟାର ଅଭିମାନ ଭସା ବାଦଲ ପରି। ତାହା କେତେବେଳେ ଆସି ପ୍ରେମର ଆକାଶକୁ ଅନ୍ଧକାର କରିଦିଏ ତ ପୁଣି କେତେବେଳେ ରଙ୍ଗୀନ ଆଲୋକରେ ମନରେ ଅସୁମାରୀ ଖୁସିର ଲହରି ଖେଳାଇ ଦିଏ। ତେଣୁ ପ୍ରେମିକାର ଅଭିମାନକୁ ନେଇ ଟେନସନ ହୁଅନ୍ତୁ ନାହିଁ। ବାସ୍, ତା' ମନର ଭିତିରି କଥାକୁ ବୁଝନ୍ତୁ। ହୁଏତ ଏହି ଅଭିମାନ ନିଶ୍ଚୟ ତା' ଖିଆଲି ମନରେ କ୍ଷଣିକ ପାଇଁ ଆସିଥିବ !

**ପ୍ରଶ୍ନ**–ଯାହାକୁ ପ୍ରେମ କରୁଥିଲି ତାକୁ ବାହା ହୋଇଛି। ହେଲେ ମୁଁ ବାହା ହେବା ପରେ ମୋର ଆଉ ଜଣେ ପୂର୍ବତନ ପ୍ରେମିକା ମୋତେ ପ୍ରେମ ଜାଲରେ ଫସାଇବାକୁ ଚାହୁଁଛି। ମୁଁ କ'ଣ କରିବି କିଛି ଜାଣିପାରୁନାହିଁ। *–ବିଜୟ, ଅନୁଗୋଳ*

**ଉତ୍ତର :** ଯାହାକୁ ପ୍ରେମ କରୁଥିଲେ ତାକୁ ତ ବାହା ହୋଇଛନ୍ତି, ଅର୍ଥାତ୍, ଆପଣ ଜଣେ ସକସେସ୍‌ଫୁଲ ପ୍ରେମିକ। କିନ୍ତୁ ପୁଣି ଥରେ ସେ ଏକତରଫା ପ୍ରେମ ଜାଲରେ ଫସିବାକୁ ଚେଷ୍ଟା କରନ୍ତୁ ନାହିଁ। ଯଦି ତା' ମାୟାଜାଲରେ ଥରେ ବନ୍ଧା ପଡିଗଲେ, ତେବେ କଥାଟି 'ବୁଡିଗଲା ଗୋଡ ତଳକୁ ତଳକୁ'ପରି ହେବ। ତେଣୁ ସେପରି ପ୍ରେମ ଆଉ ପ୍ରେମିକାଠାରୁ ନିଜକୁ ଯେତେ ଦୂରେଇ ରଖିବେ ସେତେ ଠିକ୍ ହେବ। ନ ହେଲେ ନେଡି ଗୁଡ ଯେତେବେଳେ କହୁଣୀକୁ ବୋହି ଯିବ ସେତେବେଳେ ଆପଣଙ୍କ ଆଖିରୁ ଝରୁଥିବା ଲୁହକୁ ପୋଛିବାକୁ ପାଖରେ କେହି ନ ଥିବେ।

**ପ୍ରଶ୍ନ**–ଲାଜରୁ ପ୍ରେମର ସୃଷ୍ଟି। ମୋତେ ଜଣେ ଝିଅ ଦେଖି ଲାଜ କରୁଛି। ସେ ମୋତେ ପ୍ରେମ କରୁଛି ବୋଲି କେମିତି ଜାଣିବି ? *–ପ୍ରଭାତ ନାୟକ, ଜଗତ୍‌ସିଂହପୁର*

**ଉତ୍ତର :** ସେହି ସୁନ୍ଦରୀର ଲାଜୁଆ ଚାହାଣୀ ଆପଣଙ୍କୁ ମତୁଆଲା କରିଛି। ହେଲେ ସେହି ଲାଜରେ ପ୍ରେମ ଅଛି କି ନାହିଁ, ତାହା ଜାଣିପାରୁନାହାନ୍ତି। ଏହି ସମୟରେ ଥରେ ଥଣ୍ଡା ମିଜାସରେ ତା' ଲାଜର ଗହନ କଥାକୁ ପଢ଼ିବାକୁ ଚେଷ୍ଟା କରନ୍ତୁ। ବେଳେବେଳେ ସେହି ଚୋରା ଚାହାଣୀରେ ପ୍ରେମର ଅସଲ ମଞ୍ଜି ପୋତା ହୋଇ ରହିଥାଏ। ତାକୁ ଠାବ କରିବାକୁ ମଗଜ ଖଟାନ୍ତୁ। ଯଦି କିଛି ସୂରାକ ପାଇଗଲେ ତେବେ ବେଳକାଳ ଦେଖି ତାକୁ ନିଜ ମନ କଥା କୁହନ୍ତୁ। ଯଦି ସେପଟୁ ଗ୍ରୀନ୍ ସିଗନାଲ ମିଳିଲା ତେବେ ତେଣିକି ବିଳମ୍ବ ନ କରି ଆଗକୁ ବଢ଼ନ୍ତୁ। ନ ହେଲେ ଚାନ୍ସଟା ହାତରୁ ଖସିଯାଇପାରେ।





# ଇଚ୍ଛା ଥିଲା ପୋଲିସ ହେବି

ଚକୋଲେଟ ହିରୋ ଲୁକ୍ ହେଉ କି ଏଙ୍ଗ୍ରୀ ୟଙ୍ଗମ୍ୟାନ ଲୁକ୍ ସବୁଥିରେ ସେ ଦର୍ଶକଙ୍କ ମନ ଜିଣିଛନ୍ତି। 'ଚଉକା ଛକା', 'ଗଞ୍ଜା ଲଢ଼େଇ', 'ଟିକେ ଲଭ୍ ଟିକେ ଟ୍ୱିଷ୍ଟ', 'କଟକ-ଦ ସିଲଭର୍ ସିଟି' ଓ 'ସନାତନୀ' ଭଳି ଚଳଚ୍ଚିତ୍ର ତାଙ୍କୁ ଦିଏ ସ୍ୱତନ୍ତ୍ର ପରିଚୟ। ସେ ହେଉଛନ୍ତି ଓଲିଉଡ୍‌ର ହ୍ୟାଣ୍ଡସମ ହିରୋ ସମ୍ବିତ ଆଚାର୍ଯ୍ୟ। ଏଥର ସେଲିବ୍ରିଟି ସିକ୍ରେଟ୍‌ରେ ଜାଣିବା ତାଙ୍କ ସମ୍ପର୍କରେ କିଛି...

ଆମ ଘର ପୁରୀରେ। ବାପା ସୁକାନ୍ତ ଆଚାର୍ଯ୍ୟ ପୋଲିସ ଡିପାର୍ଟମେଣ୍ଟରେ ଚାକିରି କରନ୍ତି ଓ ମା' ହରପ୍ରିୟା ଗୃହିଣୀ। ଆମେ ଦୁଇ ଭାଇ। ବାପାଙ୍କ ବଦଳି ଅନୁସାରେ ଆମେ ବିଭିନ୍ନ ସ୍ଥାନରେ ରହିଛୁ। ପାଠପଢ଼ା ବି ସେମିତି ବିଭିନ୍ନ ସ୍କୁଲରେ ହେଇଛି। ସପ୍ତମ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନର ସରସ୍ୱତୀ ଶିଶୁ ମନ୍ଦିରରେ ଓ ଅଷ୍ଟମରୁ ଦଶମ ପର୍ଯ୍ୟନ୍ତ ପୁରୀ ଜିଲା ସ୍କୁଲରେ ପଢ଼ିଛି। ପରେ ଅନୁଗୁଳ ଗଭର୍ନମେଣ୍ଟ କଲେଜରେ ପଢ଼ିଲି।

**ବାପାଙ୍କ ପୋଲିସିଆ ଲାଠିମାଡ଼ ଖାଇଛି:** ପିଲାଦିନେ ଭାରି ଦୁଷ୍ଟ ଥିଲି। କେତେବେଳେ ଘରୁ ତ କେବେ ସ୍କୁଲରୁ ଲୁଚିକି ପଳାଉଥିଲି। ପୁରୀ ସିଦ୍ଧ ମହାବୀର ମନ୍ଦିରରେ ପ୍ରତି ମଙ୍ଗଳବାର ଓ ଶନିବାର ଖରାବେଳେ ଭଲ ଖାଇବା ହେଉଥିଲା। ଖାସ୍‌କରି ତାକୁ ଖାଇବା ପାଇଁ ମୁଁ ମୋ ସାଙ୍ଗଙ୍କ ସହ ଅନେକଥର ସ୍କୁଲରେ ପ୍ରେଜେଣ୍ଟ ପକେଇ ସେଇ ମନ୍ଦିରକୁ ଲୁଚିକି ପଳାଉଥିଲି। ଥରେ ବାପା ଯେକି ସେତେବେଳେ ସେଠାକାର ରିଜର୍ଭ ଇନ୍ସପେକ୍ଟର ଥାଆନ୍ତି ତାଙ୍କୁ ସେହି ମନ୍ଦିରକୁ ଗେଷ୍ଟ ହିସାବରେ ଡକାଯାଇଥାଏ। ଆଉ ସେଦିନ ଆମେ ବି ସେଠି ସ୍କୁଲରୁ ଖସିକି ଯାଇଥାଉ। ସେଦିନ ମତେ ସେ ସେଠି ଦେଖିଦେଲେ। ତା'ପରେ ଆଉ କ'ଣ ହେବ ? ପୋଲିସ ଲାଠିରେ ନିର୍ଘୁମ୍ ମାଡ଼।

**ଇଚ୍ଛା ଥିଲା ପୋଲିସ ହେବି:** ବାପା, ଜେଜେବାପା ସମସ୍ତେ ପୋଲିସ ଥିଲେ। ତେଣୁ ମୁଁ ବି ବଡ଼ ହେଲେ ପୋଲିସ ହେବି ଭାବିଥିଲି। ସେଇ ଅନୁସାରେ ପଢୁଥିଲି ବି। ଆର୍ଟସ୍ ଷ୍ଟୁଡେଣ୍ଟ ଥିଲି। ମୋର ଏନ୍‌ସିସିରେ ଏ ଓ ସି ସାର୍ଟିଫିକେଟ୍ ଥିଲା। ଫୁଟ୍‌ବଲ ଭଲ ଖେଳୁଥିଲି। ଏମିତିକି ଜିଲା ଓ ରାଜ୍ୟ ସ୍ତରୀୟ ଫୁଟ୍‌ବଲ ମ୍ୟାଚ୍ ଖେଳିଥିଲି। ତା'ସହ କଲେଜରେ ଆଥ୍‌ଲେଟିକ ସେକ୍ରେଟାରି ବି ଥିଲି। ଅଭିନୟ କରିବା କଥା ଆଦୌ ଭାବି ନ ଥିଲି। ଅଭିନୟ କରିବି କ'ଣ ମତେ ତ ଆଗରୁ ନାଚିବାକୁ ବି ଲାଜ ଲାଗୁଥିଲା।

**ଅଭିନୟରେ ପାଦ:** ଥରେ ମୁଁ ବାପାଙ୍କ ସହ ଅନୁଗୋଳ ଯାଇଥାଏ ଡିଏସ୍‌ପିଙ୍କ ପୁଅ ବାହାଘରକୁ। ସେଠି ବାପାଙ୍କ ସାଙ୍ଗ ତଥା ଅଭିନେତା ପ୍ରେମାଞ୍ଜନ ପରିଡ଼ା ବି ଆସି ଥାଆନ୍ତି। ସେତେବେଳେ ମୁଁ ଜିମ୍ ଯାଉଥିବାରୁ ମୋର ବଡ଼ି ଭଲ ଥିଲା। ତା'ସାଙ୍ଗକୁ କାନ୍ଧ ପର୍ଯ୍ୟନ୍ତ ଲମ୍ବା ଲମ୍ବା ଚୁଟି ଥିଲା। ମୋ ଲୁକ୍ ଦେଖି ସେ ବାପାଙ୍କୁ କହିଲେ ପୁଅ ଦେଖିବାକୁ ହ୍ୟାଣ୍ଡସମ୍ ଅଛି। ତାକୁ ଫିଲ୍ମ ଲାଇନ୍‌ରେ ଛାଡୁନୁ। ବାପା କହିଲେ ସେ କ'ଣ କରିପାରିବ ? ପ୍ରେମାଞ୍ଜନ ମଉସା କହିଲେ କାହିଁକି ନୁହଁ ? ମୋ ବାପା ଷ୍ଟ୍ରିକ୍ଟ ହେଲେ ବି ଏ ଲାଇନ୍‌କୁ ଆସିବା ପାଇଁ ମନା କରି ନ ଥିଲେ। ବରଂ ସପୋର୍ଟ କଲେ। ପ୍ରେମାଞ୍ଜନ ସାର୍ ମୋର କିଛି ଫଟୋ ନେଇ ବାଦଶାହ, ଜେପି, ସାର୍ଥକ ଆଦି ଷ୍ଟୁଡିଓକୁ ପଠେଇଥିଲେ। ପରେ ଜେପି ମହାନ୍ତି ମୋ ଫଟୋ ଦେଖି ମତେ ଆଲବମ୍‌ରେ ନେବାକୁ ଚାହିଁଲେ। ଏମିତିରେ ମୁଁ ପ୍ରଥମେ ଆଲ୍‌ବମ୍‌ରେ କାମ ଆରମ୍ଭ କଲି। ଏହାପରେ ମନରେ ଆସିଲା ଅଭିନୟରେ ଯେମିତି ବି ହେଉ ଆଗେଇବି। ତେଣୁ ଯତୀନ ନାୟକ ଯେକି ସେତେବେଳେ ଇଟିଭିର ପ୍ରଡକ୍ସନ ମ୍ୟାନେଜର ଥିଲେ ତାଙ୍କ ସହ ଭେଟିଥିଲି। ଅଡିଶନ୍ ଦେଇ 'ସଂସ୍କାର' ସିରିଏଲ ପାଇଁ ସିଲେକ୍ଟ ହେଲି। ଏହି ସିରିଏଲରୁ ହିଁ ମତେ ଅଭିନେତାର ପରିଚୟ ମିଳିଲା। ଲୋକ ମତେ ଚିହ୍ନିଲେ ଓ ଭଲ ପାଇଲେ। ଏହାପରେ ମୁଁ ୭-୮ଟି ଆଲ୍‌ବମ୍‌ରେ କାମ କଲି। ପରେ ମତେ ଫିଲ୍ମର ଅଫର୍ ମିଳିଲା। ମୋର ପ୍ରଥମ ଫିଲ୍ମର ନାଁ ଥିଲା 'ଫିଲ୍ମ'। ତେବେ ପ୍ରଥମ ରିଲିଜ ଫିଲ୍ମ ହେଉଛି 'ପ୍ରେମ ୱେଡସ୍ ପ୍ରିୟା'। ପରେ ଗୋଟେ ପରେ ଗୋଟେ ଚଳଚ୍ଚିତ୍ର କରି ଚାଲିଲି। ୟା' ଭିତରେ ପ୍ରାୟ ୨୫ଟି ଚଳଚ୍ଚିତ୍ର କରିସାରିଲିଣି। ତେବେ ମୋ କ୍ୟାରିୟରର ଟର୍ନିଂପଏଣ୍ଟ ଆସିଥିଲା 'ଚଉକା ଛକା' ଚଳଚ୍ଚିତ୍ରରୁ। ଏଥିରେ କରିଥିବା କ୍ୟାରେକ୍ଟର ମୋର ସବୁଠୁ ପ୍ରିୟ।

**ଆସୁଛି ମୋ ତେଲୁଗୁ ଫିଲ୍ମ:** ତେଲୁଗୁ ଫିଲ୍ମ ଏମ୍ ଫର୍ ଏମ୍ (ମୋଟିଭ ଫର୍ ମର୍ଡର୍)ରେ ଅଭିନୟ କରିଛି, ଯାହାର ପୋଷ୍ଟ ପ୍ରଡକ୍ସନ କାମ ଚାଲିଛି। ଖୁବ୍‌ଶୀଘ୍ର ରିଲିଜ୍ ହେବ।

**ଡ୍ରିମ୍ ରୋଲ:** ସାଇକୋ କ୍ୟାରେକ୍ଟରରେ ଅଭିନୟ କରିବାର ଇଚ୍ଛା ଅଛି।

**ପ୍ରେମ ଓ ବିବାହ:** ମୋ ସ୍ତ୍ରୀ ସୟୋନା ହେଉଛନ୍ତି ଅନୁଭବ ମହାନ୍ତିଙ୍କ କଜିନ ସିଷ୍ଟର। ଥରେ ଏକ ପାର୍ଟିରେ ତାଙ୍କ ସହ ମୋର ପ୍ରଥମେ ଦେଖା ହୋଇଥିଲା। ଆଉ ସେଇ ପ୍ରଥମ ଦେଖାରେ ହିଁ ପ୍ରେମ ହୋଇଯାଇଥିଲା। ପରେ ଫେସ୍‌ବୁକ୍‌ରେ ଫ୍ରେଣ୍ଡ ରିକ୍ୱେଷ୍ଟ ପଠେଇଥିଲି। ତା'ପରେ ନମ୍ବର ଶେୟାର୍ ହେଲା। କଥାବାର୍ତ୍ତା ହେଲୁ। ଆଉ ପ୍ରେମ ବଢ଼ିଲା। ହେଲେ ଆମେ ଉଭୟେ କେବେ ବି 'ଆଇ ଲଭ୍ ୟୁ' କହି କିମ୍ବା କିଛି ସ୍ପେଶାଲ କରି ପରସ୍ପରକୁ ପ୍ରପୋଜ କରିନୁ।

**ପ୍ରଥମ ଉପହାର:** ରିଲେଶନଶିପ୍‌ର ତିନି ବର୍ଷ ପରେ ପ୍ରଥମ ଥର ପାଇଁ ଭାଲେଣ୍ଟାଇନ୍ସ ଡେ'ରେ ପର୍ପଲ କଲର୍‌ର ଏକ ୧୦ ଫୁଟିଆ ଟେଡି ସୟୋନାଙ୍କୁ ଉପହାର ଦେଇଥିଲି। ୫ ବର୍ଷର ରିଲେଶନଶିପ୍ ପରେ ଆମର ବାହାଘର ହୋଇଥିଲା।

**ଅବସରରେ:** ଘରେ ପୁଅ ସହ ସମୟ ବିତାଇବା ମୋର ପ୍ରଥମ ପସନ୍ଦ। ଯେହେତୁ ମୁଁ ଜିମ୍ ଲଭର୍ ଜିମ୍ ଯିବାକୁ ବି ଭଲ ପାଏ।

**ଫିଟ୍‌ନେସ୍ ରହସ୍ୟ:** ଜିମ୍ ଯାଏ। ଯଦିଓ ମୁଁ ପ୍ରପର ଡାଏଟ୍ କରେନା, ହେଲେ ଯଦି କେବେ ହେଭି ଖାଦ୍ୟ ଖାଇଦିଏ ତା'ପରେ ମୁଁ ବାଲାନ୍ସ କରିବା ପାଇଁ ହାଲୁକା କିଛି ଖାଏ।

**ସିରିଏଲ, ଆଲ୍‌ବମ୍ ଓ ମୁଭିର ଅନୁଭୂତି :** ସିରିଏଲରେ କାମ କରିବା କଷ୍ଟ। ଯେହେତୁ ମୁଁ ସିରିଏଲରୁ ଆସିଥିଲି ତେଣୁ ମୁଭି କରିବା ମତେ ସହଜ ହୋଇଥିଲା। ଉଭୟରେ କାମ କରିବାର ଅନୁଭୂତି ଭିନ୍ନ । ଆଉ ଆଲ୍‌ବମ୍‌ରେ ତ ଗୋଟେ ପୂରା କାହାଣୀକୁ ୫ ମିନିଟ୍‌ରେ ଦୃଶ୍ୟାୟନ କରାଯାଏ। ତେଣୁ ତା'ର ଅନୁଭୂତି ବି ଅଲଗା। ଆଉ ଏକ ଖାସ୍‌କଥା ହେଲା ଓଡ଼ିଶାରେ ମ୍ୟୁଜିକ ଭିଡିଓର କନ୍ସେପ୍ଟ ପ୍ରଥମେ ମୋ ମ୍ୟୁଜିକ ଭିଡ଼ିଓ 'ସାଜନା'ରୁ ଆରମ୍ଭ ହୋଇଥିଲା।

**ରୋମାଣ୍ଟିକ୍ ସିନ୍ :** ରୋମାଣ୍ଟିକ୍ ସିନ୍ କରିବାକୁ ମତେ ଭଲ ଲାଗେ। ଆଉ ଏହି ସିନ୍ ଦେଖି ମୋ ସ୍ତ୍ରୀ କେବେ ବି ଖରାପ ଭାବନ୍ତି ନାହିଁ ବରଂ ଏନ୍‌ଜୟ କରନ୍ତି। ସେ ବହୁତ ଅଣ୍ଡରଷ୍ଟାଣ୍ଡିଂ।

**ପ୍ରିୟ ସ୍ଥାନ:** ଆମ ଦୁହିଁଙ୍କୁ ବୁଲିବା ପସନ୍ଦ। ଓଡ଼ିଶାରେ ସବୁଠୁ ପ୍ରିୟ ସ୍ଥାନ ହେଉଛି ପୁରୀ। ଏହାପରେ ହାଇଦ୍ରାବାଦ ଆମର ପ୍ରିୟ ସ୍ଥାନ।

**ପ୍ରିୟ ଖାଦ୍ୟ:** ପଖାଳ, ମାଛଭଜା।

**ଖୁସିର ମୁହୂର୍ତ୍ତ:** ପୁଅ ହେବା ହେଉଛି ମୋର ସବୁଠୁ ଖୁସିର ମୁହୂର୍ତ୍ତ।

**ଦୁଃଖଦ ମୁହୂର୍ତ୍ତ:** ଏମିତି ତ ଛୋଟମୋଟ ଦୁଃଖଦ ଘଟଣା ଘଟିଛି। ହେଲେ ଭଗବାନଙ୍କ ଦୟାରୁ ମନେରଖିବା ଭଳି ବଡ଼ ଦୁଃଖଦ ମୁହୂର୍ତ୍ତ ଏଯାଏ କିଛି ନାହିଁ।

**କମ୍ପିଟିଟର:** କାହାକୁ ମୁଁ ମୋ କମ୍ପିଟିଟରଭାବେ ଭାବେନା। ସମସ୍ତେ ନିଜ ନିଜ ସ୍ଥାନରେ ବେଷ୍ଟ। ପ୍ରକୃତରେ କହିବାକୁ ଗଲେ ନିଜ ଭାଗ୍ୟ ଏଠି ନିଜର କମ୍ପିଟିଟର।

**ଅଭିନୟକୁ ନେଇ ବଞ୍ଚିବା:** ଲିଡ୍ କ୍ୟାରେକ୍ଟର କଲେ ଏହି ଇଣ୍ଡଷ୍ଟ୍ରିରେ ଭଲ ରୋଜଗାର କରିପାରିବେ। ତେବେ ସାଇଡ୍‌ରେ ଅନ୍ୟ କିଛି କାମ କରୁଥିଲେ ଭଲ। ମୁଁ ବି ବିଜ୍‌ନେସ୍ କରେ।

**ଅବସୋସ:** ଅବସୋସ କିଛି ନାହିଁ। ହେଲେ ଆଶା ଓ ସ୍ୱପ୍ନ ଅନେକ ଅଛି।

-ଶିବାନୀ ମହାନ୍ତି









## ହାଃ ହାଃ

### ଆକାଉଣ୍ଟ

ରାହୁଲ ବାପାଙ୍କୁ: ବାପା ୫୦୦ଟଙ୍କା ଦେଲ।
ବାପା: କ'ଣ କରିବୁ ?
ରାହୁଲ: ଆକାଉଣ୍ଟ ଖୋଲିବି।
ବାପା: କେଉଁଠି ?
ରାହୁଲ: ମୋ ସାଙ୍ଗର ଯେଉଁଠି ଅଛି ସେଇଠି।
ବାପା: କେଉଁଠି ଅଛି ?
ରାହୁଲ: ସିଗାରେଟ୍ ଦୋକାନରେ।

### ଇଚ୍ଛା

ପତ୍ନୀ ସକାଳୁ ସକାଳୁ ସ୍ୱାମୀଙ୍କୁ– ମୁଁ ଖବରକାଗଜ ହୋଇ ଥାଆନ୍ତିକି! ଅନ୍ତତଃ ପ୍ରତିଦିନ ସକାଳେ ତମେ ମତେ ହାତରେ ତ ଧରି ଥାଆନ୍ତ।
ସ୍ୱାମୀ– ମୋର ବି ସେଇ ଇଚ୍ଛା। ତମେ ଖବରକାଗଜ ହୋଇଥିଲେ ସବୁଦିନ ନୂଆ ନୂଆ ପାଇଥାଆନ୍ତି।

### ବିଉଟିଫୁଲ୍

ରାତି ଅଧରେ ସ୍ତ୍ରୀଙ୍କ ମୋବାଇଲ୍ ବିପ୍ କଲା। ସ୍ୱାମୀ ଚେକ୍ କରି ଦେଖିବା ପରେ ଖୁବ୍ ରାଗିଗଲେ। ଆଉ ସ୍ତ୍ରୀଙ୍କୁ ଉଠାଇ– ତମକୁ କିଏ ଏତେ ରାତିରେ ବିଉଟିଫୁଲ୍ ଲେଖି ପଠେଇଛି ?
ସ୍ତ୍ରୀ ମୋବାଇଲ୍‌କୁ ଭଲରେ ଦେଖି– ଚଷମାଟା ଟିକେ ଲଗେଇକି ଦେଖ। ବିଉଟିଫୁଲ ଲେଖା ହେଇନି। ଲେଖା ହେଇଛି– 'ବ୍ୟାଟେରୀ ଫୁଲ୍'।



**ସୂଚନା:** ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

# ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା
# ଘାଙ୍ଗରିଆ

**ଉତ୍ତରାଖଣ୍ଡର ଚମୋଲି ଜିଲା ଅନ୍ତର୍ଗତ ଏକ ଛୋଟ ପର୍ବତୀୟ ଗାଁ ହେଉଛି ଘାଙ୍ଗରିଆ ; ଯେଉଁଠାରେ ପର୍ଯ୍ୟଟକ ପ୍ରକୃତିର ଅପୂର୍ବ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ସହ ଅନେକ ମନୋରମ ପର୍ଯ୍ୟଟନସ୍ଥଳୀଗୁଡ଼ିକୁ ବୁଲି ଦେଖିପାରିବେ...**



ଘାଙ୍ଗରିଆ ହେଉଛି ଉତ୍ତରାଖଣ୍ଡର ଚମୋଲି ଜିଲା ଅନ୍ତର୍ଗତ ଏକ ସୁନ୍ଦର ଗାଁ ; ଯାହାକି ସ୍ଥାନୀୟ ଦୁଇଟି ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ 'ହେମକୁଣ୍ଡ ସାହିବ' ଏବଂ 'ଫୁଲର ଘାଟି'କୁ ଯିବା ରାସ୍ତାରେ ହିଁ ପଡିଥାଏ। ଘାଙ୍ଗରିଆଠାରୁ ପ୍ରାୟ ୬ କି.ମି ଦୂର ଗଲେ ପଡ଼ିଥାଏ ଶିଖ୍ ମାନଙ୍କର ପବିତ୍ର ତୀର୍ଥସ୍ଥଳୀ ହେମକୁଣ୍ଡ ସାହିବ। ସେହିପରି ପ୍ରାୟ ୫ କି.ମି ଦୂରରେ ରହିଛି ଉତ୍ତରାଖଣ୍ଡର ପ୍ରସିଦ୍ଧ ଭ୍ୟାଲେ ଅଫ୍ ଫ୍ଲାୱାର୍ସ ନ୍ୟାସନାଲ୍ ପାର୍କ ; ଯାହାକୁ କେହି କେହି ଫୁଲର ଘାଟି ଅଥବା ଫୁଲର ଉପତ୍ୟକା ବୋଲି ବି ସମ୍ବୋଧନ କରିଥାନ୍ତି। କାରଣ ଏଠାରେ ଜୁନ୍‌ରୁ ଅକ୍ଟୋବର ଭିତରେ ନାନା ରଙ୍ଗର ଜାତିଜାତିକା ଫୁଲ ଫୁଟିଥିବାର ଦେଖିବାକୁ ମିଳିଥାଏ। ବାକି ସମୟରେ ଏହି ସ୍ଥାନଟି ବରଫାବୃତ ହୋଇ ରହିଥାଏ ବୋଲି ସୂଚନା ରହିଛି।

ଘାଙ୍ଗରିଆ ; ଯାହା ଗୋବିନ୍ଦ ଧାମ୍ ଭାବେ ବି ପରିଚିତ। ଏହା ସ୍ଥାନୀୟ ପୁଷ୍ପାବତୀ ନଦୀ ଓ ଲକ୍ଷ୍ମଣ ଗଙ୍ଗାର ମିଳନ ସ୍ଥଳରେ ଅବସ୍ଥିତ। ଏହି ଗାଁକୁ ଚତୁଃପାର୍ଶ୍ୱରୁ ବହୁ ଉଚ୍ଚ ଉଚ୍ଚ ପାହାଡ଼ ଓ ଗଛଲତା ଘେରି ରହିଛି। ସେଥିପାଇଁ ଏଠାକାର ପ୍ରାକୃତିକ ଦୃଶ୍ୟକୁ ଦେଖିବା ବେଶ୍ ମନୋରମ ଲାଗେ। କୁହାଯାଏ, ଏହା ହେଉଛି ସ୍ଥାନୀୟ ଅଞ୍ଚଳର ଶେଷ ଗାଁ ; ଯେଉଁଠାରେ କିଛି ଜନବସତି ଥିବାର ଦେଖିବାକୁ ମିଳେ। ତା'ପରଠୁ ଟ୍ରେକିଂ କରି ବା ଚାଲିଚାଲି ହେମକୁଣ୍ଡ ସାହିଦ ଏବଂ ଫୁଲର ଘାଟିକୁ ଯିବାକୁ ହୋଇଥାଏ। ସେଥିପାଇଁ ଯେଉଁ ପର୍ଯ୍ୟଟକମାନେ ଏହି ଦୁଇଟି ପର୍ଯ୍ୟଟନସ୍ଥଳୀ ବୁଲି ଯିବାକୁ ଆସିଥାନ୍ତି, ସେମାନେ ଘାଙ୍ଗରିଆରେ ବେସ୍ କ୍ୟାମ୍ପ କରି ରହିଥାନ୍ତି।





## କ'ଣ ଦେଖିବେ

ଯେହେତୁ ଏହା ଏକ ପର୍ବତୀୟ ପର୍ଯ୍ୟଟନସ୍ଥଳୀ, ତେଣୁ ଏଠାରେ ଟ୍ରେକିଂ କରି ବିଭିନ୍ନ ସ୍ଥାନକୁ ବୁଲି ଯିବାକୁ ହୋଇଥାଏ। ପର୍ଯ୍ୟଟକଙ୍କୁ ଏଠାକୁ ଆସିବାକୁ ହେଲେ ପ୍ରଥମେ ସ୍ଥାନୀୟ ଗୋବିନ୍ଦଘାଟରେ ପହଁଞ୍ଚିବାକୁ ପଡିଥାଏ। ଗୋବିନ୍ଦଘାଟ ହେଉଛି ଚମୋଲି ଜିଲା ଅନ୍ତର୍ଗତ ଏକ ସହର। ଏଠାରେ ପର୍ଯ୍ୟଟକ ବିଭିନ୍ନ ଆଧ୍ୟାତ୍ମିକ ପୀଠ ଦେଖିବାର ସୁଯୋଗ ପାଇପାରିବେ। ଆଉ ସେଠାରୁ ଯାଇ ଘାଙ୍ଗରିଆରେ ପହଁଞ୍ଚିବା ପରେ ସ୍ଥାନୀୟ ପୁଷ୍ପାବତୀ ନଦୀ ଏବଂ ଲକ୍ଷ୍ମଣ ଗଙ୍ଗା ନଦୀର ଅପୂର୍ବ ସଙ୍ଗମ ସ୍ଥଳୀକୁ ଦେଖିପାରିବେ। ତା'ସହିତ ଘାଙ୍ଗରିଆରେ ବେସ୍ କ୍ୟାମ୍ପ କରି କିଛି ସମୟ ବିଶ୍ରାମ ନେଇସାରିବା ପରେ ପୁଣି ସେଠାରୁ ଟ୍ରେକିଂ କରି ଯାଇ ପ୍ରସିଦ୍ଧ ହେମକୁଣ୍ଡ ସାହିବ ଏବଂ ଫୁଲର ଘାଟିକୁ ବୁଲି ଦେଖିପାରିବେ। ଘାଙ୍ଗରିଆରେ ପର୍ଯ୍ୟଟକଙ୍କ ରହିବା ପାଇଁ ଶୁଲଭ ମୂଲ୍ୟରେ ହୋଟେଲ୍, ଲଜ୍ ର ବି ବ୍ୟବସ୍ଥା ରହିଛି। ଏଥିପାଇଁ ପୂର୍ବରୁ ବୁକିଂ କରିଦେଲେ ଭଲ।



## କ'ଣ ଖାଇବେ

ଘାଙ୍ଗରିଆରେ ବେସ୍ କ୍ୟାମ୍ପ କରି ରହିଲାବେଳେ ପର୍ଯ୍ୟଟକ ସ୍ଥାନୀୟ ବ୍ରାଉନ୍ ରାଇସ୍, ଗହତ (ଏକପ୍ରକାର ଡାଲି),ପାହାଡି ଆଳୁର ଗୁଟକେ (ଏକପ୍ରକାର ଆଳୁ ଭଜା), ଚଟ୍‌ନି, ଛାଜ୍ ଆଦି ସୁସ୍ୱାଦୁ ବ୍ୟଞ୍ଜନ ଖାଇବାର ମଜା ନେଇପାରିବେ।

## କେବେ ଓ କେମିତି ଯିବେ

ଘାଙ୍ଗରିଆ ବୁଲିଯିବା ପାଇଁ ସବୁଠୁ ଭଲ ସମୟ ହେଉଛି ମେ' ମାସରୁ ଅକ୍ଟୋବର ମାସ ପର୍ଯ୍ୟନ୍ତ। କାରଣ ସମୁଦ୍ରପତ୍ତନରୁ ପ୍ରାୟ ୧୦,୦୦୩ ଫୁଟ ଉଚ୍ଚତାରେ ଥିବା ଏହି ସ୍ଥାନରେ ଶୀତଦିନେ ପ୍ରବଳ ତୁଷାରପାତ ହୋଇ ରାସ୍ତାଘାଟ ବନ୍ଦ ହୋଇଯାଏ। ସେଥିପାଇଁ ଡିସେମ୍ବରରୁ ଏପ୍ରିଲ୍ ମାସ ପର୍ଯ୍ୟନ୍ତ ଏଠାକୁ ପର୍ଯ୍ୟଟକଙ୍କ ଆସିବା ବନ୍ଦ କରି ଦିଆଯାଇଥାଏ। ତେଣୁ ପର୍ଯ୍ୟଟକ ଘାଙ୍ଗରିଆ ହେଉ କି ହେମକୁଣ୍ଡ ସାହିବ ଅଥବା ଫୁଲର ଘାଟି ବୁଲିଯିବାକୁ ଚାହୁଁଥିଲେ ମେ' ମାସ ପରେ ଏଠାକୁ ଯାଇପାରିବେ। ସେହିପରି ଏଠାକୁ ଯିବାକୁ ହେଲେ ପର୍ଯ୍ୟଟକଙ୍କୁ ପ୍ରଥମେ ବିମାନ ଯୋଗେ ଜୋଲି ଗ୍ରାଣ୍ଟ ଏୟାରପୋର୍ଟ କିମ୍ବା ରେଳ ଯୋଗେ ଋଷିକେଶ ରେଳଷ୍ଟେଶନରେ ପହଁଞ୍ଚିବାକୁ ପଡିବ। ପରେ ସେଠାରୁ ସ୍ଥାନୀୟ ସାଧନ ଯୋଗେ ଗୋବିନ୍ଦଘାଟ ଦେଇ ଘାଙ୍ଗରିଆରେ ପହଁଞ୍ଚିବାକୁ ହେବ। ଆଉ ଯଦି ସଡ଼କମାର୍ଗରେ ଯିବାକୁ ଚାହୁଁଥାନ୍ତି, ତା'ହେଲେ ବିଭିନ୍ନ ସହରରୁ ଟୁରିଷ୍ଟ ବସ୍ ସିଧାସଳଖ ଗୋବିନ୍ଦଘାଟକୁ ଆସିଥାଏ। ସେଠାରୁ ୧୪ କି.ମି ଦୂରରେ ଥିବା ଘାଙ୍ଗରିଆକୁ ପର୍ଯ୍ୟଟକ ଚାହିଁଲେ ଟ୍ରେକିଂ କରି ଯାଇପାରିବେ। ନଚେତ୍ ସ୍ଥାନୀୟ ସାଧନ ଯୋଗେ ବି ଯାଇପାରିବେ। ସୂଚନାନୁଯାୟୀ, ଉଭୟ ଗୋବିନ୍ଦଘାଟ ଓ ଘାଙ୍ଗରିଆରେ ହେଲିପାଡ୍‌ର ମଧ୍ୟ ବ୍ୟବସ୍ଥା ରହିଛି। ପର୍ଯ୍ୟଟକ ଚାହିଁଲେ ଏହାର ସୁବିଧା ନେଇପାରିବେ। କିନ୍ତୁ ଏଥିପାଇଁ ପୂର୍ବରୁ ବୁକିଂ କରିବାକୁ ପଡିଥାଏ।




# ସ୍ଲିପର୍ ସେଲ୍



**ଚଳଚ୍ଚିତ୍ର, ଖବରକାଗଜ ଅବା ଟେଲିଭିଜନରେ ପ୍ରସାରିତ ଖବରରୁ ଶୁଣିଥିବେ ଯେ,ଦେଶ ଭିତରେ ଘଟୁଥିବା ଅନେକ ଆତଙ୍କବାଦୀ ଘଟଣା ପଛରେ ସ୍ଲିପର୍ ସେଲ୍‌ମାନଙ୍କ ପ୍ରମୁଖ ହାତ ଥାଏ। ତେବେ ଜାଣନ୍ତି କି ଏହି ସ୍ଲିପର୍ ସେଲ୍ କ'ଣ? ଜାଣନ୍ତୁ ସେ ସମ୍ପର୍କରେ..**

ଆତଙ୍କବାଦ ଏବେ ଏକ ପ୍ରମୁଖ ସମସ୍ୟା। ଆତଙ୍କବାଦୀ ସଂଗଠନଗୁଡ଼ିକ ନିଜର ଗୁପ୍ତ ଏଜେଣ୍ଟ ବା ନେଟଓ୍ବର୍କର ବ୍ୟବହାର କରି ବିଭିନ୍ନ ଦେଶରେ ଆତଙ୍କର ଖେଳ ଖେଳୁଛନ୍ତି। ଏହି ଗୁପ୍ତ ଏଜେଣ୍ଟମାନେ ହିଁ ସାଧାରଣତଃ 'ସ୍ଲିପର୍ ସେଲ୍' ଭାବରେ ପରିଚିତ ହୋଇଥାନ୍ତି। ଏମାନେ ସାଧାରଣ ଲୋକଙ୍କ ସହ ସାଧାରଣ ମଣିଷଟିଏ ପରି ମିଳିମିଶି ରୁହନ୍ତି। କେବେ ଛାତ୍ର ତ କେବେ ସାଧାରଣ ଚାକିରି କରୁଥିବା ମଣିଷ, ମୁଲିଆ ମଜୁରୀ କାମ କରୁଥିବା ବ୍ୟକ୍ତି ଭାବେ ରୁହନ୍ତି। ସେମାନେ ଏତେ ସାଧାରଣଭାବେ ସମାଜରେ ଚଳନ୍ତି ଯେ, କେହି କେବେ ସ୍ୱପ୍ନରେ ବି ଭାବି ପାରିବେ ନାହିଁ ସେମାନେ ଶତ୍ରୁ ଦେଶର ଜଣେ ଜଣେ ଗୁପ୍ତ ଏଜେଣ୍ଟ ବୋଲି। ହେଲେ ଯେବେ ଆତଙ୍କବାଦୀ ସଂଗଠନର ମୁଖ୍ୟ ତଥା ହ୍ୟାଣ୍ଡଲରଙ୍କଠାରୁ ଆଦେଶ ଆସେ, ସେମାନେ ସକ୍ରିୟ ହୋଇଯାଆନ୍ତି ଓ କରନ୍ତି ବିଭିନ୍ନ ଆତଙ୍କବାଦୀ କାର୍ଯ୍ୟ। ଏମାନଙ୍କ ପ୍ରମୁଖ କାମ ହେଉଛି ଆତଙ୍କବାଦୀମାନଙ୍କୁ ସାହାଯ୍ୟ କରିବା ଓ ଆଦେଶ ଅନୁସାରେ ବିଭିନ୍ନ ସ୍ଥାନରେ ଆତଙ୍କବାଦୀ ଘଟଣା ଘଟାଇବା। ତା'ସହ ଆତଙ୍କବାଦୀ ସଂଗଠନ ପାଇଁ ଜରୁରୀ ଖବର ସଂଗ୍ରହ କରିବା ମଧ୍ୟ ତାଙ୍କର ଏକ ପ୍ରମୁଖ କାର୍ଯ୍ୟ। ବିଭିନ୍ନ ଆତଙ୍କବାଦୀ ସଂଗଠନ ନିଜର ଶତ୍ରୁ ଦେଶରେ ଅନେକ ସ୍ଲିପର୍ ସେଲ ଡିପୋର୍ଟ କରିଥାନ୍ତି। ସେମାନେ ନିଜର ପରିଚୟ ସହ ନିଜର ସବୁ ଗତିବିଧିକୁ ଗୁପ୍ତ ରଖି ସାଧାରଣ ଜୀବନ ଜିଅନ୍ତି। ଆଉ ନିର୍ଦ୍ଦେଶ ମିଳିବା ପରେ ଘଟାଇଥାନ୍ତି ବଡ଼ ବଡ଼ ଆତଙ୍କବାଦୀ ଘଟଣା। ଏମାନଙ୍କୁ ବମ୍ ବ୍ଲାଷ୍ଟ, ପ୍ଲେନ୍ ହାଇଜାକ୍, ଗୁଳି ଚାଳନା ଆଦି କରିବାର ତାଲିମ ଦିଆଯାଇଥାଏ। ଜୈସ-ଏ ମହମ୍ମଦ, ଲଶ୍କର-ଏ- ତଏବା, ଟିଆର୍‌ଏଫ, ସିମି ଭଳି ଆତଙ୍କବାଦୀ ସଂଗଠନ ଏହି ସ୍ଲିପର୍‌ସେଲ୍‌କୁ ବିଭିନ୍ନ ଦେଶରେ ରଖିଥାଆନ୍ତି। ଆଉ ସେମାନଙ୍କ ସାହାଯ୍ୟରେ ସେ ଶତ୍ରୁ ଦେଶର ବିଭିନ୍ନ ଗୁପ୍ତ ତଥ୍ୟ ହାସଲ କରିବା ସହ ଆତଙ୍କବାଦୀ ଘଟଣା ଘଟାଇଥାନ୍ତି। ଦେଶର ସୁରକ୍ଷା ଏଜେନ୍ସିଙ୍କ ପାଇଁ ଆତଙ୍କବାଦୀଙ୍କଠାରୁ ବେଶି ଘାତକ ଦେଶ ଭିତରେ ଲୁଚି ରହିଥିବା ସ୍ଲିପର୍ ସେଲ୍ ହୋଇଥାନ୍ତି। ଯେଉଁମାନେ କି ଚୁପ୍‌ଚାପ୍ ନିଜର କାମ କରିଥାନ୍ତି। ଶତ୍ରୁ ଦେଶରେ ସାଥୀ ଆତଙ୍କବାଦୀଙ୍କୁ ପ୍ରବେଶ କରାଇବାଠାରୁ ଆରମ୍ଭ କରି ସେମାନଙ୍କୁ ସୁରକ୍ଷିତ ସ୍ଥାନରେ ଲୁଚାଇ ରଖିବାରେ ମଧ୍ୟ ଏହି ସ୍ଲିପର୍ ସେଲ୍‌ମାନେ ସାହାଯ୍ୟ କରିଥାନ୍ତି। ସାଧାରଣ ଲୋକଙ୍କ ସହ ସାଧାରଣ ମଣିଷଭଳି ରହୁଥିବାରୁ ସୁରକ୍ଷା ଏଜେନ୍ସିମାନଙ୍କୁ ଏମାନଙ୍କୁ ଚିହ୍ନଟ କରିବା କାଠିକର ପାଠ ହୋଇଯାଏ। ତେଣୁ ଅନେକ ସମୟରେ ସାଧାରଣ ନାଗରିକଙ୍କୁ ସଚେତନ କରାଯାଏ ଯେ, ଯଦି କୌଣସି ବ୍ୟକ୍ତି କିଛି ସନ୍ଦିଗ୍ଧ ଗତିବିଧି କରୁଥିବା ନଜରକୁ ଆସନ୍ତି ତେବେ ତୁରନ୍ତ ସୂଚନା ଦେବେ।





# ଚା'କେଟ୍‌ଲୀ ପରି ପର୍ସ

ମହିଳାମାନଙ୍କୁ ତାଙ୍କ ପର୍ସ ଏତେ ପସନ୍ଦ ଯେ, ତା' ବିନା ସେମାନେ ବାହାରକୁ ଯାଇ ନ ଥାଆନ୍ତି। ସବୁବେଳେ ଏହାକୁ ପାଖରେ ରଖନ୍ତି। ସେଥିପାଇଁ ବଜାରରେ ବିଭିନ୍ନ ସୁନ୍ଦର ଡିଜାଇନ୍‌ର ପର୍ସ ଉପଲବ୍ଧ ହୁଏ। ତେବେ ଏମିତି ବି କିଛି ପର୍ସ ଅଛି ଯାହା ଦେଖିବାକୁ ଏତେ ଅଜବ ହୋଇଥାଏ ଯେ, ତାକୁ ନେଇ ବାହାରକୁ ଯାଇହେବନି। କାରଣ ଏହାକୁ ନେଇକି ଗଲେ ଲୋକେ ଦେଖି ଚକିତ ହେବା ସହ ହସିବେ ମଧ୍ୟ। ଏଇ ଯେମିତି ଚା' କେଟ୍‌ଲୀ ଭଳି ଦେଖାଯାଉଥିବା ଏହି ପର୍ସ। ପ୍ରଥମ ନଜରରେ ଯେ କେହି ଭାବିବେ ଏହା ଏକ ସୁନେଲୀ ରଙ୍ଗର ଚା' କେଟ୍‌ଲୀ। ହେଲେ ପ୍ରକୃତରେ ଏହା କେଟ୍‌ଲୀ ନୁହେଁ। ବରଂ ଏକ





କେଟ୍‌ଲୀ ସଦୃଶ ଏକ ପର୍ସ। ଦେଖିବାକୁ ଏହା ଅଜବ ହେଲେ ବି ଏହା ଭିତରେ ଏତେ ଜାଗା ଥାଏ ଯେ, ମହିଳାମାନଙ୍କର ଅନେକ ଆବଶ୍ୟକୟ ଜିନିଷ ଏହା ମଧ୍ୟରେ ରହିପାରିବ। ତେବେ ଏହାକୁ କେବଳ ସେଇମାନେ ହିଁ ବ୍ୟବହାର କରିବେ ଯେଉଁମାନେ ବାହାର ଲୋକଙ୍କ କଥାକୁ ଭ୍ରୁକ୍ଷେପ କରନ୍ତି ନାହିଁ।



## କଥା ଚାଟ୍

ଓଁ ଅଭିଜ୍ଞାନ ସାହୁ

# ମୂର୍ଖ ହେବାରେ ଆନନ୍ଦ

ପ୍ରତିଦିନ ଗୋଟେ ଗଧ ତା' ମାଲିକର ଜିନିଷପତ୍ର ବୋଝ ନେଇ ଜଣେ ପଣ୍ଡିତଙ୍କ ଘର ସାମ୍ନା ଦେଇ ଯାଏ । ପଣ୍ଡିତ ଗଧକୁ ଦେଖି ଭାବନ୍ତି ଆହା ଯଦି ସେ ମୋ ଭଳି ଜ୍ଞାନୀ ହୋଇଥାନ୍ତା ତେବେ କ'ଣ ଏମିତି ବୋଝ ବୋହୁଥାନ୍ତା ! ଦିନେ ଗଧ ପଣ୍ଡିତଙ୍କୁ ଦେଖି ହସିଦେଲା । ଏହା ପଣ୍ଡିତଙ୍କ ଅହଂକାରକୁ ବାଧିଲା । ସାମାନ୍ୟ ଗୋଟେ ଗଧ ସେ ପୁଣି ତାଙ୍କଭଳି ଜଣେ ଜ୍ଞାନୀ ଲୋକକୁ ଦେଖି ହସିବ ! ପଣ୍ଡିତ ଭାବିହେଲେ ଯଦି ଗଧ ତାଙ୍କୁ ଦେଖି ହସିଲା ତେବେ ହସିଲା କାହିଁକି ? ଏହି ଚିନ୍ତାରେ ସେ ସେଦିନ ଠିକ୍‌ଭାବେ ଖାଇପାରିଲେ ନାହିଁ କି ଶୋଇପାରିଲେ ନାହିଁ । ତା'ପର ଦିନ ବୋଝ ନେଇ ଯାଉଥିବା ଗଧକୁ ଅଟକେଇ ହସିବାର କାରଣ ପଚାରିଲେ । ଗଧ କହିଲା, ଆଶ୍ଚର୍ଯ୍ୟ, ଆପଣଙ୍କ ଭଳି ବିଜ୍ଞ ବ୍ୟକ୍ତି ଏଇ ମାମୁଲି ହସକୁ ନେଇ ଗତକାଲିଠାରୁ ଚିନ୍ତାରେ ଅଛନ୍ତି ! ମୁଁ ତ ମାଲିକର ବୋଝକୁ ଠିକଣା ଜାଗାରେ ପହଞ୍ଚେଇ ଦେଇ ଖୋଲା ପଡ଼ିଆରେ ଦିନଯାକ ଘାସ ଚରି ଖୁସିରେ ଅଛି ହେଲେ ଆପଣ ଗତକାଲିଠାରୁ ମୋ ହସର ବୋଝ ମୁଣ୍ଡେଇ ବୁଲୁଛନ୍ତି ! ମୂର୍ଖ ହେବାରେ ଗୋଟାଏ ଆନନ୍ଦ ଅଛି ବୋଲି କୁହାଯାଏ । ପଣ୍ଡିତ ତାଙ୍କ ପାଣ୍ଡିତ୍ୟ ପାଇଁ ଗର୍ବ କରନ୍ତି ହେଲେ ମୂର୍ଖ ଭିତରେ ଗର୍ବ ନ ଥାଏ । ଗଧ ଗର୍ବ କରେନି । ତଳକୁ ମୁଣ୍ଡ ପୋତି ମାଲିକର ସବୁ ବୋଝ ବୋହିଚାଲେ । ବୋହିଲାବେଳେ ମାଲିକର କାମ କରୁଛି ବୋଲି ଜାଣେ । ବୋଝ ହାଲୁକା ହେଲା ପରେ ଖାଇ ପିଇ ଶୋଇବାରେ ଆନନ୍ଦ ନିଏ । ଦାର୍ଶନିକ ଜଣେ କହିଥିଲେ ଜ୍ଞାନ ସବୁଠୁଁ ବଡ଼ ବୋଝ । ଯେତେ ଯେତେ ଆମେ ଜ୍ଞାନ ଆହରଣ କରୁ ସେତେ ସେତେ ବୋଝର ଚାପ ଆମ ମନ ଓ ମସ୍ତିଷ୍କ ଉପରେ ପଡ଼େ । ଯେଉଁମାନେ ସେହି ବୋଝକୁ ଠିକ୍ ମାର୍ଗରେ ବିନିଯୋଗ କଲେ ସେମାନେ ଆଜି ପ୍ରଜ୍ଞାପୁରୁଷ ଆଉ ଯେଉଁମାନେ ତାକୁ ଭୁଲ୍ ରାସ୍ତାରେ ଲଗେଇଲେ ସେମାନେ ସମାଜ ପାଇଁ ବୋଝ ହୋଇଗଲେ ।

ରାବଣ ଥିଲେ ଋଷି ପୁତ୍ର । ମହାଜ୍ଞାନୀ ଓ ବେଦଜ୍ଞ । ସୁବର୍ଣ୍ଣ ହରିଣର ଭ୍ରମ ଦେଖେଇଲେ, ନିଜେ ସାଧୁ ବେଶ ଧରିଲେ । ଛଳ କପଟକରି ସୀତାଙ୍କୁ ହରଣ କଲେ । ମଲା ବେଳକୁ ଜାଣିଲେ ସୀତାଙ୍କୁ ହରଣ ପାଇଁ ସେ ଯେଉଁ ଖେଳ ରଚିଥିଲେ ତା'ର ସୂତ୍ରଧର ଆଉ ଜଣେ । ଅସଲ ଖେଳ ତ ତାଙ୍କ ସହ ହୋଇଯାଇଛି । ଯେଉଁ ସୀତାଙ୍କ ପାଇଁ ପୂରା ଲଙ୍କା ଜଳିଗଲା, ପୁଅ ମଲା, ଭାଇ ଅଲଗା ହେଇଗଲା, ଛାର ବାନର ପାଖରେ ଅପମାନିତ ହେଲେ ଓ ନିଜ ପ୍ରାଣ ଗଲା ସେ ସୀତା ସତ ସୀତା ନ ଥିଲେ ତାହା ତାଙ୍କ ଛାଇ ଥିଲା । ରାବଣ ପଣ୍ଡିତ ହୋଇ ମୂର୍ଖଙ୍କ ଭଳି କାମ କଲେ । ନିଜେ ତ ମଲେ ପୂରା ଲଙ୍କାବାସୀ ବି ତା'ର ଭୟାବହତା ଭୋଗିଲେ । ମୂର୍ଖ ହେବା ପାପ ନୁହେଁ ହେଲେ ପଣ୍ଡିତ କେହି ମୂର୍ଖପ୍ରାୟ କାର୍ଯ୍ୟ କଲେ ସମାଜ ପାଇଁ ବିପଦ ନିଶ୍ଚୟ । ମୁଁ ଯେଉଁ ମୂର୍ଖ ହେବାରେ ଆନନ୍ଦ କଥା କହୁଛି ତାହା ଜାଣିସିଆଣା ମୂର୍ଖଙ୍କ କଥା । ଏହି ଜାଣିସିଆଣା ମୁର୍ଖଙ୍କୁ ଚିହ୍ନିବା କଷ୍ଟ ନୁହେଁ । ସାମାଜିକ ଗଣମାଧ୍ୟମରେ ଏଭଳି ମୂର୍ଖ ଏବେ ମାଳ ମାଳ । ନିଦେଇ ଯାଇଥିବା ଲୋକକୁ ଉଠେଇ ହେବ । କିନ୍ତୁ ଚେଇଁ ଶୋଇଥିବା ଲୋକକୁ ଉଠେଇବା କଷ୍ଟ । ପାଗଳ ଲୋକକୁ ଠିକ୍ କରିବା ପାଇଁ ଔଷଧ ଅଛି ହେଲେ ଜାଣିଶୁଣି ପାଗଳ ଅଭିନୟ କରୁଥିବା ଲୋକ ପାଇଁ କିଛି ଔଷଧ କାହିଁ !

ଜଣେ ମୁର୍ଖକୁ ବୁଝେଇହେବ ହେଲେ ଜାଣିସିଆଣା ମୂର୍ଖଙ୍କୁ ବୁଝେଇବା ଅସମ୍ଭବ । ଏହିଭଳି ପଣ୍ଡିତ ମୁର୍ଖମାନେ ପ୍ରାୟତଃ ଗୋଷ୍ଠୀବାଦରେ ବିଶ୍ୱାସ କରନ୍ତି । ଗୋଷ୍ଠୀ ଏମାନଙ୍କୁ ଜେଡ୍ ପ୍ଲସ୍ ସୁରକ୍ଷା ଦିଏ । ମୂର୍ଖଙ୍କ ଗୋଷ୍ଠୀରେ ସମସ୍ତେ ନେତା ଆଉ ସମସ୍ତେ ସମସ୍ତଙ୍କ ଚେଲା । ଜଣେ ପୋଖତ ମଦୁଆ ଭିଡ଼ ଭିତରେ କେତେଜଣ ମଦୁଆ ଅଛନ୍ତି ଯେମିତି ଦେଖିକି ଚିହ୍ନି ଦିଏ ସେମିତି ମୂର୍ଖମାନଙ୍କୁ ମୂର୍ଖ ହିଁ ଚିହ୍ନି ପାରେ । ସେମାନେ ଚୁମ୍ବକ ଭଳି ଆପେ ଯୋଡି ହୋଇ ଗୋଷ୍ଠୀ ତିଆରି ଦିଅନ୍ତି ।

ସବୁ ଶାସକ ଚାହାନ୍ତି ସେମାନଙ୍କ ପ୍ରଜା ମୂର୍ଖ ହୋଇଥାନ୍ତୁ । କାରଣ ପ୍ରଜା ବେଶି ଶିକ୍ଷିତ ହେଲେ ପ୍ରଶ୍ନ ପଚାରିବେ । ଶାସନରେ ଛିଦ୍ର ଖୋଜି ବିଦ୍ରୋହ କରିବେ , ସମାଲୋଚନା କରିବେ । ପ୍ରଜା ମୂର୍ଖ ହେଲେ ଅତି ଉତ୍ତମ । ମୂର୍ଖମାନଙ୍କୁ କିଛି ମନଲୋଭା କାମରେ ଲଗେଇଦେଲେ ସେମାନେ ଖୁସିରେ ସେହିଥିରେ ବ୍ୟସ୍ତ ରହିଯିବେ । ଶୀତଳ ଯୁଦ୍ଧ ସମୟରେ



ଆମେରିକା ଭଳି କିଛି ଦେଶ ଅନ୍ୟ ବିକାଶଶୀଳ ଦେଶମାନଙ୍କୁ ନିଜ ଅକ୍ତିଆରରେ ରଖିବା ପାଇଁ ଏହାର ସଫଳ ପ୍ରୟୋଗ କରିଥିବାର ପ୍ରମାଣ ରହିଛି । ଦେଶର ଯୁବସମାଜଙ୍କୁ ଅନେକ ଅପ୍ରାସଙ୍ଗିକ କାମରେ ବ୍ୟସ୍ତ ରଖିଲେ ସେମାନେ ଦେଶର ଅନ୍ୟ କିଛି ବିଷୟ ଚିନ୍ତା କରିବେ ନାହିଁ । ବିଡମ୍ବନା ଏହିକି ଯେ ମତ୍ତ ହାତୀକୁ ମଣ କରିବାକୁ ଯେମିତି ପୋଷା ହାତୀଙ୍କ ସାହାଯ୍ୟ ନିଆଯାଏ ସେମିତି ଏବେ ଦେଶର ଯୁବଶକ୍ତିଙ୍କୁ ବ୍ୟସ୍ତ ରଖିବାକୁ ଏହି ଜାଣିସିଆଣା ମୁର୍ଖମାନେ ପୂରା ଦମ୍‌ରେ ଲାଗିପଡ଼ିଛନ୍ତି । ମାନବ ସମାଜର ଉତ୍ପତ୍ତି କାଳରୁ ବର୍ତ୍ତମାନ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଇତିହାସ ଏହି ଜାଣିସିଆଣା ମୁର୍ଖମାନଙ୍କ ନଖଦର୍ପଣରେ ଥାଏ । ପ୍ରତିରକ୍ଷାଠାରୁ ଧର୍ମରକ୍ଷା ପର୍ଯ୍ୟନ୍ତ ଓ ରାଜନୀତିଠାରୁ ଅର୍ଥନୀତି ପର୍ଯ୍ୟନ୍ତ ସବୁ ବିଷୟରେ ଅପାର ପାଣ୍ଡିତ୍ୟ ରଖୁଥିବା ଏହି ବର୍ଗର ମୂର୍ଖଙ୍କ ସାମ୍ନାରେ ପୃଥିବୀର ସବୁ ପଣ୍ଡିତ ଛାରପୋକ ସଦୃଶ । ଆଜିର ସାମାଜିକ ଗଣମାଧ୍ୟମକୁ ଦେଖିଲେ କିଏ ପ୍ରକୃତ ମୂର୍ଖ ଓ କିଏ ପଣ୍ଡିତ ଜାଣିବା ମୁସ୍କିଲ ।

ଜାଣିଶୁଣି ମୂର୍ଖ ହେବା ଭଳି ଅନ୍ୟକୁ ମୂର୍ଖ ବନେଇବାର ଏକ ଅଭିନବ ଟ୍ରେଣ୍ଡ ଏବେ ଦେଖିବାକୁ ମିଳୁଛି । ସବୁଠୁ ଉଚ୍ଚଶିକ୍ଷିତ ତଥା ପଣ୍ଡିତ ମନେହେଉଥିବା ଏହି ଲୋକମାନେ ଆଜି ସାଇବର ଠକେଇର ଶିକାର ଅଧିକ ହେଉଛନ୍ତି । କାରଣ ଚତୁର ଜାଣନ୍ତି ଅସଲ ମୁର୍ଖଙ୍କୁ ଠକିବା କଷ୍ଟ କିନ୍ତୁ ପଣ୍ଡିତ ହୋଇ ମୁର୍ଖଙ୍କ ଭଳି କାମ କରୁଥିବା ଲୋକଙ୍କୁ ଠକିବା ସହଜ ।


ମୂର୍ଖ ଯେତିକି ବୁଝନ୍ତି ସେତିକିରେ ସନ୍ତୁଷ୍ଟ ଥାନ୍ତି । ପଣ୍ଡିତ ଅନ୍ୟକୁ ବୁଝାନ୍ତି ଅଧିକ କିନ୍ତୁ ନିଜେ ବୁଝନ୍ତି କମ୍ । କେବଳ ଠକିହେବା ପର୍ଯ୍ୟନ୍ତ ଏମାନେ ସୀମିତ ନାହାନ୍ତି । ଶିକ୍ଷିତ ପଣ୍ଡିତମାନେ କିପରି ସ୍ୱଳ୍ପ ଶିକ୍ଷିତ ବା ମୂର୍ଖମାନଙ୍କ ଦାସତ୍ୱ ପାଇଁ ବ୍ୟାକୁଳ ତାହା ଦେଶର ସ୍ୱାଧୀନୋତ୍ତର ଶାସନ ବ୍ୟସ୍ଥାକୁ ଅନୁଧ୍ୟାନ କଲେ ଜଣା ପଡ଼େ । ଦେଶ ସ୍ୱାଧୀନ ହେବା ପର ଠାରୁ ଆଜି ଯାଏ ଅନେକ ମୂର୍ଖଙ୍କୁ ଶାସନଗାଦିରେ ବସେଇବା ପଛରେ ପଣ୍ଡିତମାନଙ୍କ ଅବଦାନକୁ ଅସ୍ୱୀକାର କରିହେବନାହିଁ । ସ୍ୱଳ୍ପ ଶିକ୍ଷିତ ମନ୍ତ୍ରୀଙ୍କ ପାଗଳ ପ୍ରଳାପକୁ ଚରିତାର୍ଥ କରିବାକୁ ସାମାଜିକ ଗଣମାଧ୍ୟମ ଠାରୁ ନେଇ ଫାଇଲ ଚାଷ ପର୍ଯ୍ୟନ୍ତ ଏହି ଶିକ୍ଷିତ ପଣ୍ଡିତ ଗୋଷ୍ଠୀ ଦିନ ରାତି ଏକ କରିଦେଉଛନ୍ତି । ପ୍ରତିବଦଳରେ ଏହି ମୁର୍ଖମାନଙ୍କ ସାନିଧ୍ୟ ପାଇ ତଥାକଥିତ ପଣ୍ଡିତ ବଡ଼ବାବୁମାନେ କିଭଳି କୃତକୃତ୍ୟ ହୁଅନ୍ତି ତାହା କାହାକୁ ଅଛପା ନାହିଁ । ଏବର ଚନ୍ଦ୍ରଗୁପ୍ତଙ୍କ ପ୍ରଭୁତ୍ୱ ପ୍ରତି ଆନୁଗତ୍ୟ ନ ରଖିଲେ ଖୋଦ ଚାଣକ୍ୟଙ୍କ ନିସ୍ତାର ନାହିଁ । ମୋଟଉପରେ କହିବାକୁ ଗଲେ ମୂର୍ଖମାନଙ୍କ ପ୍ରଭୁତ୍ୱକୁ ସ୍ୱୀକାର କରିବାକୁ ଶିକ୍ଷିତ ତଥା ପଣ୍ଡିତମାନଙ୍କ ଭିତରେ ଯେଉଁ ପ୍ରତିଯୋଗିତା ଚାଲିଛି ତାହା ଏ ଶତାବ୍ଦୀର ଅନ୍ୟତମ ପ୍ରମୁଖ ବିସଙ୍ଗତି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ପଣ୍ଡିତମାନେ ବେଶି ଜାଣନ୍ତି ବେଶି ଚିନ୍ତା କରନ୍ତି । ଏମିତି କୁହନ୍ତୁ ଯିଏ ଯେତେ ଚିନ୍ତିତ ସେ ସେତେ ଅଧିକ ପଣ୍ଡିତ ବୋଲାଉଛନ୍ତି । ସକାଳୁ ଉଠିଲେ ଏମାନଙ୍କୁ ପୃଥିବୀ ଚିନ୍ତା ମାଡିବସେ । ଦେଶ ବିପଦରେ, ଧର୍ମ ବିପଦରେ, ଜାତି ବିପଦରେ, ଜନତା ଓ ନେତା ଉଭୟ ବିପଦରେ, ମୋଟ ଉପରେ ଏମାନଙ୍କ ପାଇଁ ସମଗ୍ର ପୃଥିବୀ ବିପଦରେ । ଆଉ ବିପଦରୁ ଉଦ୍ଧରିବା ପାଇଁ ଏମାନେ ବୌଦ୍ଧିକ ମନ୍ଥନର ଯେକୌଣସି ସ୍ତରକୁ ଯାଇପାରନ୍ତି । ଜଣେ ନାରୀ ପଛରେ ସମଗ୍ର ଅସୁରମାନଙ୍କୁ ବ୍ୟସ୍ତ ରଖି ଦେବତାମାନେ ଅମୃତ ଲୁଟିନେଲେ । ଏବର ଅସୁରମାନେ ଏହି ତଥାକଥିତ ଅତି ପଣ୍ଡିତମାନଙ୍କୁ ଦେଶକୁ ବିପଦରୁ ଉଦ୍ଧାରିବା କାର୍ଯ୍ୟରେ ଲଗେଇ ସେପଟେ ଦେଶ ଲୁଟିନେଲେଣି । ଆଜି ଏହି ପଣ୍ଡିତମାନେ ପ୍ରକାଶ୍ୟରେ ନିଜ ଭିତରେ କଥା କଟାକଟିକୁ ନେଇ ବାଡ଼ିଆ ପିଟା ସହ ଶାଳୀନ ଅଶାଳୀନ ଶବ୍ଦ ପ୍ରୟୋଗ କରିବାକୁ ମଧ୍ୟ ଲଜ୍ଜିତ ମନେ କରୁନାହାନ୍ତି । କ୍ରିୟା ବିହୀନ ପ୍ରତିକ୍ରିୟାରେ ଲିପ୍ତ ଏହି ପଣ୍ଡିତମାନେ ଦେଶକୁ ବିପଦରୁ ଉଦ୍ଧାରିବା ପାଇଁ ଏକପଦୀ ଦୁଇପଦୀ ଚାରିପଦୀ ଲେଖାରେ ବ୍ୟସ୍ତ ଥିବା ବେଳେ ଦେଶର ଅଶିକ୍ଷିତ ଓ 'ମୂର୍ଖ' ବୋଲାଉଥିବା ଖଟିଖିଆ ଗରିବ ଏ ସବୁରୁ ଢେର ଦୂରରେ । ତା' ପାଇଁ ଗତକାଲି, ଆଜି ଓ ଆସନ୍ତାକାଲି ଭିତରେ କିଛି ପ୍ରଭେଦ ନାହିଁ । ଗତକାଲି ଖଟିଲେ ଖାଉଥିଲା ଓ ଆସନ୍ତାକାଲି ବି ଖଟିଲେ ଖାଇବ । ତା' ଭାଗ୍ୟ ଯେଉଁ ତିମିରେକୁ ସେଇ ତିମିରେ । ସେ ନୀତି ଅନୀତି, ଧର୍ମ, ଜାତି ଇତ୍ୟାଦିର ବିପଦ ଆପଦ କଥା ଚିନ୍ତା କରି ଅଯଥା ବୋଝ ମୁଣ୍ଡାଏନି । ତା' ପାଇଁ ଏ ସବୁ ପ୍ରସଙ୍ଗ ଆଦୌ ନୁହେଁ । ସେ ଜାଣି ପାରୁଛି ଏ ସବୁ ଖାଲି ଅବସର ବିନୋଦନ । ବୌଦ୍ଧିକ କସରତଜୀବୀ ପଣ୍ଡିତମାନେ ନିଜକୁ ଚିନ୍ତିତ ରଖିବା ପାଇଁ ସ୍ୱସୃଷ୍ଟି ପ୍ରସଙ୍ଗ । ଆଉ ଆମ ଭଳି ସାଧାରଣ ଅଜ୍ଞାନ ଲୋକ ଯିଏ ଦେଖୁ, ଶୁଣୁ, ବୁଝୁ କିନ୍ତୁ ମୁହଁରେ ତୁଣ୍ଡି ଦେଇ ଭକୁଆ ବୋଲାଇବାର କ୍ଲେଶ ବୋହୁ । ବୋହିବା କାମଟି ଆଉ କିଏ କରେ ଯେ !

–ବନମାଳୀ ଭବନ, ଖାନ୍ ନଗର, କଟକ
ମୋ: ୯୪୩୭୦୧୦୭୫୮

## ପୁସ୍ତକ ସମୀକ୍ଷା

### ବୋଉ ଏବଂ ଅନ୍ୟାନ୍ୟ ଗଳ୍ପ




**ଲେଖିକା : ବିନୋଦିନୀ ଗନ୍ତାୟତ**
**ମୂଲ୍ୟ–୧୭୦ ଟଙ୍କା, ପ୍ରକାଶକ ଅଭିମାନ**

ଏକୋଇଶଟି ମନୋଜ୍ଞ ଗଳ୍ପର ସମାହାର "ବୋଉ ଏବଂ ଅନ୍ୟାନ୍ୟ ଗଳ୍ପ" ବିନୋଦିନୀ ଗନ୍ତାୟତଙ୍କ ପ୍ରଥମ ଗଳ୍ପ ସଂକଳନ । ଗାଳ୍ପିକା ବିନୋଦିନୀଙ୍କ ଏହା ପ୍ରଥମ ପୁସ୍ତକ ହୋଇଥିଲେ ହେଁ ତାଙ୍କ ଲିଖନଶୈଳୀ ଓ ବିଷୟର ଗଭୀରତା ତାଙ୍କ ଲେଖକୀୟ ପରିପକ୍ୱତାକୁ ସ୍ପଷ୍ଟ କରିଛି ଉକ୍ତ ପୁସ୍ତକରେ । ଘରୋଇ ସମସ୍ୟା, ମାନସିକ ଦ୍ୱନ୍ଦ୍ୱ, ପାରମ୍ପରିକ ମୂଲ୍ୟବୋଧ, ପାରିବାରିକ ଆବେଗକୁ ନେଇ ଗତିଶୀଳ ତାଙ୍କର ସମସ୍ତ ଗଳ୍ପ ପାଠକଙ୍କ ମନକୁ ଆଲୋଡିତ କରିବାର ଦକ୍ଷତା ରଖୁଛି । "ବୋଉ" ଶୀର୍ଷକରେ ପ୍ରଥମ କବିତା ତାଙ୍କର ପ୍ରକାଶିତ ହେବା ପରେ ସେ ଓଡ଼ିଶାର ବିଭିନ୍ନ ପତ୍ରପତ୍ରିକାରେ ସ୍ଥାନିତ ନେଇ ପାଠକଙ୍କ ଶ୍ରଦ୍ଧାଭାଜନ ହୋଇପାରିଛନ୍ତି । ବିନୋଦିନୀଙ୍କ ପ୍ରଥମ ଗଳ୍ପ ସଂକଳନଟି ବିପୁଳ ପଠନିୟତା ଅର୍ଜନ କରିବ ବୋଲି ଆଶା ।

### ଶୃଙ୍ଗାର କାବ୍ୟ ଗୀତଗୋବିନ୍ଦ

**କବି ଭୀମସେନ ସାହୁ**
**ପ୍ରକାଶକ– ନିଉ ପୋଲଷ୍ଟାର ପବ୍ଲିକେଶନ୍‌ସ**
**ବରାଳ ଲେନ୍, ବାଦାମବାଡି, କଟକ–୧୨, ମୂଲ୍ୟ–୧୩୦ଟଙ୍କା**

ଗୀତଗୋବିନ୍ଦ ଉତ୍କଳୀୟ ସଂସ୍କୃତ କବି କୃଷ୍ଣଭକ୍ତ ଜୟଦେବଙ୍କର ଏକ ଅନନ୍ୟ ଶୃଙ୍ଗାର କାବ୍ୟ । ଏହାର ନାମକରଣ ଅନୁସାରେ ଏହା ଗୋବିନ୍ଦଙ୍କ ଗୀତ । ଏଥିରେ କେବଳ ଭଗବାନଙ୍କ ଚରିତ୍ର ଓ ଗୁଣମାନ ରହିବା କଥା । କିନ୍ତୁ ଆଧ୍ୟାତ୍ମିକତା ଅପେକ୍ଷା ଶୃଙ୍ଗାର ରସକୁ ଏଥିରେ ଅଧିକ ଗୁରୁତ୍ୱ ଦିଆଯାଇଛି । କାବ୍ୟଟି ୧୨ଟି ସର୍ଗ ଏବଂ ତତ୍‌ସଂଲଗ୍ନ ୨୪ଟି ଗୀତପ୍ରବନ୍ଧରେ ସୁସଂଯୋଜିତ । ଏହି ୧୨ ସର୍ଗରେ ପଞ୍ଚାନବେଟି ଶ୍ଳୋକ ଏବଂ ସମଗ୍ର ୨୪ ଗୀତରେ ମୋଟ ଏକ ଶହ ତେୟାନବେ ପଦ ବା ପ୍ରବନ୍ଧଗତ ଶ୍ଳୋକ ଓ ଏହିପରି ୨୮୮ ଶ୍ଳୋକ ରହିଛି । ଶ୍ଳୋକଗୁଡିକ ଯେପରି ଗୁରୁଗମ୍ଭୀର ରସାନ୍ୱିତ ଓ ସମୃଦ୍ଧ ଗୀତଗୁଡିକ ମଧ୍ୟ ସେହିପରି ଛନ୍ଦମୟ, ସ୍ୱରଯୁକ୍ତ ଓ ଶାବଲୀଳ । ପୁସ୍ତକଟି ନିଶ୍ଚୟ ସାହିତ୍ୟାନୁରାଗୀଙ୍କ ମନ ଜିଣିବ ।



# ପେଣ୍ଟର୍ ହ୍ୱେଲ

ସୁନ୍ଦର ଚିତ୍ର ଆଙ୍କିବା ସମସ୍ତଙ୍କ ପକ୍ଷେ ସମ୍ଭବ ନୁହେଁ। ଯେଉଁଠି ମଣିଷମାନେ ଏହି କାମରେ ବେଳେବେଳେ ଫେଲ୍ ହୁଅନ୍ତି, କିଛି ପ୍ରାଣୀ କିନ୍ତୁ ଏଭଳି ଚିତ୍ର ଆଙ୍କୁଛନ୍ତି ଯେ, ଯାହାକୁ ଦେଖିଲେ ବିଶ୍ୱାସ କରିହେବନି। ଏଇ ଯେମିତି ଜାପାନ, ୟୋକୋହାମାସ୍ଥ ହାକେଇଜିମା ସି’ ପାରାଡାଇଜ୍ ଆକ୍ୱାରିୟମ୍‌ରେ ଥିବା କିଛି ଧଳାରଙ୍ଗର ହ୍ୱେଲ। ଏହି ହ୍ୱେଲଗୁଡିକ କରୁଥିବା ସୁନ୍ଦର ସୁନ୍ଦର ଚିତ୍ର ପ୍ରମାଣ କରେ ଯେ ହ୍ୱେଲମାନେ ଏବେ ଚିତ୍ର କରିବାରେ




ପଛରେ ନାହାନ୍ତି।  ପାଣି ଭିତରେ ଥାଇ ପାଟିରେ ଏକ ସ୍ୱତନ୍ତ୍ରଧରଣର ପେଣ୍ଟ ବ୍ରଶ ଧରି ପାଣିଠାରୁ କିଛି ଉପରେ ରଖାଯାଇଥିବା କାନ୍‌ଭାସ୍ ଉପରେ ଏମାନେ ଆଙ୍କନ୍ତି ରଙ୍ଗବେରଙ୍ଗର ଅନେକ ପେଣ୍ଟିଂ। ପାଟିରେ ତୁଳୀ ଧରି ପ୍ରଫେସନାଲ ପେଣ୍ଟରଙ୍କ ଭଳି ଖୁବ୍ ସୁନ୍ଦରଭାବେ ଚିତ୍ର କରୁଥିବା ଏହି ହ୍ୱେଲଗୁଡ଼ିକର ଦୃଶ୍ୟ ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରିଥାଏ। କେବଳ ସେତିକି ନୁହେଁ ଏହି ହ୍ୱେଲମାନେ ଏଠାରେ ଚିତ୍ର କରୁଥିବା କିଛି ଚିତ୍ରକରଙ୍କ ପେଣ୍ଟିଂର ନକଲ କରି ବି ଚିତ୍ର ଆଙ୍କିପାରନ୍ତି। ଯାହାକି କମ୍ ଆଶ୍ଚର୍ଯ୍ୟର କଥା ନୁହେଁ।



ବ୍ୟାକ୍ ପେଜ୍

# କୁଇନ୍ ଅଫ୍ ଡାର୍କନେସ୍

କୁହାଯାଏ ଈଶ୍ୱରଙ୍କ ସୃଷ୍ଟିରେ ସମସ୍ତେ ସୁନ୍ଦର। କାରଣ ଈଶ୍ୱର ତାଙ୍କର ପ୍ରତିଟି ସୃଷ୍ଟିକୁ ବହୁତ ଭାବି ଚିନ୍ତି ଗଢ଼ିଛନ୍ତି ଓ ସେଥିରେ ସୌନ୍ଦର୍ଯ୍ୟ ଭରିଛନ୍ତି। ହେଲେ ମଣିଷ କିନ୍ତୁ ଅନେକ ସମୟରେ ନିଜର ଚେହେରା, ବର୍ଣ୍ଣକୁ ନେଇ ସନ୍ତୁଷ୍ଟ ହୋଇ ନ ଥାଏ। ତେଣୁ ଅନେକେ କୃତ୍ରିମ ଉପାୟରେ ସୁନ୍ଦର ହେବାକୁ ଚେଷ୍ଟା କରନ୍ତି। ଯେମିତିକି  କିଏ ସର୍ଜରି କରି ନାକ, ଓଠ ସଜାଡ଼ନ୍ତି ତ କିଏ ଗୋରା ହେବା ପାଇଁ ମେଲାନିନ ଟ୍ରିଟ୍‌ମେଣ୍ଟ କରାନ୍ତି। ହେଲେ ସାଉଥ୍ ସୁଦାନର ନ୍ୟାକିମ ଗେଟୱେର୍‌ଙ୍କ କଥା ଭିନ୍ନ। ସେ ଦେଖିବାକୁ ଟ୍ରିପଣ୍ଡ କାଳୀ। ଅର୍ଥାତ୍ ସେ ଏତେ କାଳୀ ଯେ, ଦିନର ଆଲୋକରେ ବି ତାଙ୍କୁ ଦେଖିବା କଷ୍ଟ। ଲାଗେ ସତେ ଯେମିତି କେହି ତାଙ୍କ ଦେହରେ ଗାଢ଼ କଳା ରଙ୍ଗ ବୋଳି ଦେଇଛି। ଅବା ସେ ମଣିଷ ନୁହନ୍ତି କାହାରି ଛାଇ। ଏହି କାରଣୁ ତାଙ୍କୁ ‘କୁଇନ୍ ଅଫ୍ ଡାର୍କନେସ୍’ ବି କୁହାଯାଉଛି। ହେଲେ ଏତେ କଳା ହୋଇଥିବା ସତ୍ତ୍ୱେ ମଡେଲିଂ ଦୁନିଆରେ ତାଙ୍କର ଡିମାଣ୍ଡ ବହୁତ। ଆଉ ସେ ସଫଳତାର ଶିଡି ବି ଚଢୁଛନ୍ତି। ସେ ଏବେ ଅଷ୍ଟ୍ରେଲିଆରେ ରହୁଛନ୍ତି। ଅନେକ ନାମୀ କମ୍ପାନୀର ବ୍ରାଣ୍ଡ ଆମ୍ବାସାଡର ଅଛନ୍ତି। ଯାହା ପ୍ରମାଣ କରେ ଯେ, ଯଦି ମନରେ ଦୃଢ଼ ଆତ୍ମବିଶ୍ୱାସ ଅଛି ତେବେ ସଫଳତା ପଥରେ ବର୍ଣ୍ଣ କେବେ ବି ଅନ୍ତରାୟ ସାଜି ପାରିବ ନାହିଁ।







# ଏୟାର୍ ପ୍ୟୁରିଫାଏ କରେ ଏହି ହେଡଫୋନ୍

ଡାଏସନ୍ କମ୍ପାନୀ ଆଣିଛି ଏମିତି ଏକ ପ୍ରଡକ୍ଟ ଯାହା ସମସ୍ତଙ୍କ ପାଇଁ ବେଶ୍ ଉପାଦେୟ ସାବ୍ୟସ୍ତ ହେବ। ଉକ୍ତ ପ୍ରଡକ୍ଟଟି ହେଉଛି ଏକ ହେଡଫୋନ୍, ଯାହାକି ଦେଖିବାକୁ ସାଧାରଣ ଲାଗିପାରେ। ହେଲେ ଏହା ଆଦୌ ସାଧାରଣ ନୁହେଁ। କାରଣ ଏଥିରେ ଯେ କେବଳ ଗୀତ ଶୁଣ ହୁଏ ତାହା ନୁହେଁ ବରଂ ଉକ୍ତ ହେଡ଼ଫୋନ୍ ବାୟୁ ଓ ଶବ୍ଦକୁ ବିଶୁଦ୍ଧ କରିଥାଏ। ଅର୍ଥାତ୍ ଏହା ନଏଜ୍ କ୍ୟାନ୍ସେଲେଶନ କରିବା ସହ ଏୟାର ପ୍ୟୁରିଫାଏ କରେ। ଉକ୍ତ ହେଡଫୋନ୍‌ର ନାଁ ହେଉଛି ‘ଡାଏସନ୍ ଜୋନ୍’। ଏଥିରେ ଏକ ଏୟାର ପ୍ୟୁରିଫାୟର୍ ସିଷ୍ଟମ ଅଛି, ଯାହା ବାୟୁର ହାନିକାରକ କଣିକା ଓ ପ୍ରଦୂଷଣକାରୀ ତତ୍ତ୍ୱକୁ ଫିଲ୍ଟର କରିଥାଏ। ଫଳରେ ପ୍ରଦୂଷିତ ଅଞ୍ଚଳରେ ଥିବା ବ୍ୟକ୍ତି ଏହି ହେଡଫୋନ୍ ଦ୍ୱାରା ଶୁଦ୍ଧ ବାୟୁର ଶ୍ୱାସକ୍ରିୟା କରିପାରିବେ। ଅର୍ଥାତ୍ ସହରାଞ୍ଚଳରେ ଏହା ବେଶ୍ ଉପାଦେୟ ସାବ୍ୟସ୍ତ ହେବ। ଏହା ଦୂଷିତ ବାୟୁଜନିତ ବିଭିନ୍ନ ରୋଗ ଯେମିତିକି ଶ୍ୱାସକ୍ରିୟାଜନିତ ସମସ୍ୟା, ଆଲର୍ଜି ଆଦି ହେବାରୁ ସୁରକ୍ଷା ପ୍ରଦାନ କରିବ। ଏହାବାଦ ଏହା ନଏଜ୍ କ୍ୟାନ୍ସେଲେଶନ୍ ବି କରେ। ତେଣୁ ଏଥିରେ ଗୀତ ଶୁଣିବା ନିଶ୍ଚିତଭାବେ ବେଶ୍ ସ୍ୱାସ୍ଥ୍ୟପ୍ରଦ ହେବ।